- Manas Ranjan Panda – General Sponsorship
- Chitta Ranjan Mohanty – General Sponsorship
- Pinky and Tapan Swain - General Sponsorship
- Debabrata Mishra - General Sponsorship
- Meera and Shashadhar Mohapatra - Bhumi puja

**Total donation received for Bhumi Puja - $4658**
**Expenses:**

1. **Tent/chair rental - $920**
2. **Food - $1425**
3. **Decoration/cultural/puja material - $780**

**Total expenses - $3125**
**Thanks to following donors for their pledge for temple construction project.**

**Temple construction pledge:**

1. Bandita and Binod Nayak, MD
2. Arati and Nrusingha Biswal, MD
3. Subhrangini and Ajita Pattanaik, VA
4. Indira and Manju Das, MD
5. Priya and Anshuman Das, VA
6. Sinu and Bijay Dash, MD
7. Minati Kunar
8. Joly and Sudhir Mishra, PA
9. Ranjana and Santanand Mishra, MD
10. Anuradha and Kaushik Dutta, MD
11. Minakhi and Kailash Sahu, MD
12. Komala and Thyagaraju Damarla, MD
13. Bana Bihari Das, MD
14. Madhusmita and Sudipta Udgata, MD
15. Prava and Suchit Ray, MD
16. Susmita and Sudip Patnaik, MD
17. Annapurna and Nilambar Biswal, MD
18. Swati and Manoranjan Mohapatra, MD
19. Lucy and Chittaranjan Das, PA
20. Meera and Shashadhara Mohapatra, MD
21. Anjana and Debaki Chowdhury, MD
22. Pranati and Tapas Panda, IA
23. Sukanya and Bikram Ray, MA
24. Simantini and Satish Mohapatra, PA
25. Nirod Mohanty, CA
26. Bandita and Nrusingha Mishra, MD
27. Sarita and Sudipta Patnaik, NJ
28. Satheesh Munissamy, FL
29. Saurav Mohanty, MD

30. Swagatika and Srinibas Sahoo, MD
31. Richa and Ashwini Kaushik, MD
32. N. Kalyan Peyalametta, FL
33. Anonymous donor
34. Sriram Panigrahi, PA
35. Anonymous donor
36. Saipriya and Sarit Mohanty, NY
37. Jimi and Saroj Behera, VA
38. Urmila and Devaraj Sahu, MD
39. Baruni and Prasan Samal, MD
40. Sudhira and Dilip Patnaik, MD

**Pledge amount range between $500 to $10000**
**Total Pledged - $81500**

## Fundraising Event on November 23, 2024

We would also like to recognize and express our gratitude to the following sponsors whose support helped us raise over $25K**:**

**Diamond Sponsors-**

Annapurna and Nilambar Biswal
Pinu and Pratap Das
Sinu and Bijay Dash
Bandita and Nrusingha Mishra
Geeta and Sushant Mohanty
Pooja and Deepak Mohanty
Susmita and Sudip Patnaik

**Gold Sponsors -**

Pinky and Sujit Das
Richa and Ashwini Kaushik
Biyatpragyan Mohanty
Shreyas Panchigar
Smita and Susant Padhy
Bhudeep Patnaik
Subrat Mohapatra
Aparimita and Sujit Pati
Maushumi and Sandeep Pattanaik
Asha Swain

**Silver Sponsors-**

Banabihari Giri
Sumit Kumar
Saurav Mohanty
Sandesh Dental LLC, Silver Spring, MD
Mahadeo Realtor with Fairfax Realty (240-706-1488)

Charu and Bharat Mehta
Ranjana Mishra
Monalisa and Jayakumar Satpathy
Nirlipta and Bala Dixit
Chhabi and Satya Swain
Pravin Ponnuri

**Your continued support is essential in making this vision a reality. Together, we can build a lasting legacy for our community and future generations. Please consider donating today and help us reach new heights in our temple construction efforts.**

# Monthly Donors:

**Communicated by Krishna Debata in 2023**

We thank the following devotees as present monthly donors for monthly withdrwal and hope you will join the list soon.
Anu and Nilambar Biswal
Arati and Nrusingha Biswal
Preeti and Hemant Biswal
Sujata and Gyan Bohidar
Anjana and Debaki Chowdhury
Debanjan Chowdhury
Geeta and Bijay Chowdhury
Bigyani and Naresh Das
Jayashree and Mani Das
Liza and Debashis Das
Pinky and Sujit Das
Sinu and Bijay Dash
Sangeeta and Krushna Debata
Bandita and Nrusingha Mishra
Snigdha and Manoj Mishra
Alakananda Mohanty
Ashis and Aliva Mohanty
Manoranjan Mohapatra
Meera and Shashadhar Mohapatra
Sangeeta and Prafulla Nayak
Ram Nayak
Rakhi and Debashis Panda
Sujit Kumar Pati
Bhudeep Patnaik
Soni and Raj Rath
Prava and Suchit Ray
Swagatika and Srinibas Sahoo
Stiti and Jitendu Samant
Pinky and Tapan Swain
Dipti Ranjan Tarai
Madhusmita and Sudipta Udgata
Ashwini K Dash and Madhusmita Rath
Anonymous donor

# Appreciation

***Sunday Program/Monthly Bhajan Program and Other Special Event Activities – Status:*** We thank all the families for regularly participating in Sunday program activities, monthly bhajan program activities and special events.

We appreciate all the volunteers for food preparation, food distribution and cleanup during each temple event. Event logistics is an important area and we appreciate the volunteers who handle all the event logistics in supporting the families that vist the temple.

Communication is an important key in reaching out to the public and members of the Odia society. Thank you all for communicating the temple activities through email, WhatsApp group, in person conversations and other media such as facebook, YouTube and newspapers in Odisha.

### JOGA/JTNA Activity List and the Need of Volunteers

There are about 52 Sundays in a year. For these 52 Sundays, temple needs 52 sets of vounteers for various activities that go with the events. Apart from 52 Sunday programs, the temple observes monthly bhajan programs every month except during the months of Holi and Ratha Jatra, making it 10 months. The temple also observes many Odia pujas and festivities such as

Saraswati Puja
Holi
Pana Sankranti
Shiva Ratri
Snana Jatra
Ratha Jatra
Bahuda Jatra
Janmastami
Ganesh Puja
Durga Puja
Dipabali
Chhapana Bhoga and Mahamantra

All the above events have the requirements for volunteers, sometimes in small scale and sometimes in large scale. Following basic sets of volunteers are needed in each category:

**Food Committee:** Food Preparation, Food Distribution, Food Set Up, Kitchen Clean-Up
**Event Set-up and Wrap-up:** Decoration, Decorum, Set-Up for Sound System, Microphones, Musical Instruments
**Event Coordinators:** During the event, making sure all the participants are engaged, participants have a joyful and satisfying time, everything starts and ends on time, all attendees are treated with care and respect.
**Logistics for the Whole Event:** Starting from parking to availability of paper products and trash disposal

**Communication:** Public Relations Team, Communication about event timing, resource needs, event expectations
**Media:** Pictures, Videos, Publishing in Local as well as available mediums in Odisha
**Finance:** Fund Raising Team, Sponsors

Additionally, we do have the need for everyday deity puja as well as facility maintenance.

Considering our community size, we are sure, we can maintain the observance of the puja and special events for future months and years.

Year 2023 and 2024 have been amazing years for JOGA and JTNA events. Thank you, all the volunteers, in each category for your support.

Note: JOGA/JTNA also organizes two literary meets, Fall/Winter and Spring/Summer Poetry Reading. Communications are mostly exchanged in a separate email list and WhatsApp list. If you are interested in the literary activities and want to be included, please send an email to jogaevents@gmail.com.

## Wise Thoughts (Bhagabat Gita):

- Perform your obligatory duty, because action is indeed better than inaction.
- Man is made by his belief. As he believes, so he is.
- It is better to live your own destiny imperfectly than to live an imitation of somebody else's life with perfection.



# ଉନ୍ମୋଚନ



## ଯୋଗ ତରଫରୁ ଆୟୋଜିତ କବିତାପାଠ - ୨୦୨୪

୨୦୨୪ ମସିହା ଯୋଗ ତରଫରୁ ଆୟୋଜିତ କବିତାପାଠ ପାଇଁ ଏକ ସୁନ୍ଦର ପୃଷ୍ଠଭୂମି ଥିଲା । କେତେ ଜଣ ନୂଆ ଲେଖକ, ଲେଖିକା ଓ କବିତାପ୍ରେମୀ ଆମ ମାନଙ୍କ ଗୋଷ୍ଠୀରେ ସାମିଲ୍ ହୋଇଥିଲେ ଓ ସେମାନଙ୍କର ନୂତନ ଚିନ୍ତାଧାରା ବାଣ୍ଟି ଆମର କବିତା ପାଠୋତ୍ସବକୁ ରଙ୍ଗମୟ କରିଥିଲେ । ୨୦୨୪ର ପ୍ରଥମ କବିତାପାଠ ଏପ୍ରିଲ୍ ୨୦ ତାରିଖରେ ଦେଟନ୍, ମେରୀଲାଣ୍ଡରେ, ନରେଶ ଓ ବିଜ୍ଞାନୀ ଦାସଙ୍କର ବାସଭବନରେ ଅନୁଷ୍ଠିତ ହୋଇଥିଲା ।  ଏଥିରେ ଶିଖଣ୍ଡ ଶତପଥୀ ପୌରୋହିତ୍ୟ କରିଥିଲେ ।

ଶାରଦୀୟ କବିତାପାଠ ସମାରୋହ ସେପ୍ଟେମ୍ବର୍ ୧୫ ତାରିଖ ରବିବାର ଦିନ ଝିନୁ ଓ ଶାନ୍ତନୁ ଛୋଟରାୟଙ୍କ ବାସଭବନରେ, ସେଣ୍ଟରଭିଲ, ଭରଜିନିଆରେ  ଅନୁଷ୍ଠିତ ହୋଇଥିଲା । ଏଥିରେ ମଧ୍ୟ ପୌରୋହିତ୍ୟ କରିଥିଲେ ଶିଖଣ୍ଡ ଶତପଥୀ । ଏ ଦୁଇଟି

କବିତାପାଠ ସମାରୋହରେ ପରିବେଷିତ କେତୋଟି କବିତା ଆମେ ଏ ସଂଖ୍ୟାରେ ପ୍ରକାଶ କରୁଛୁ । ଆଶା, ଏ ସବୁ କବିତାର ଭାବ ଆପଣମାନଙ୍କୁ ଲେଖକମାନଙ୍କ ଭାବନା ସହିତ ଅତି ନିକଟତର କରାଇବ ।













# ଆମ ସାହିତ୍ୟପରିବାରର ସମସ୍ତଙ୍କୁ

ଝିନୁ ଛୋଟରାୟ
ସେପ୍ଟେମ୍ବର ୧୬, ୨୦୨୪

ଆମ ସାହିତ୍ୟପରିବାରର ସମସ୍ତଙ୍କୁ ନମସ୍କାର, ସ୍ନେହ ଓ ଶୁଭେଚ୍ଛା। କାଲିର ସାହିତ୍ୟଆସରରେ ସମସ୍ତଙ୍କ ଯୋଗଦାନ ପାଇଁ ଅଶେଷ ଧନ୍ୟବାଦ। ଜୟଗୋପାଳ ବାବୁଙ୍କୁ zoom ମାଧ୍ୟମରେ ଦେଖି ଖୁବ୍ ଖୁସି ଲାଗିଲା। ଧନ୍ୟବାଦ ଜୟଗୋପାଳ ବାବୁ। 🙏

ଏ କବିତା ଆସରଟି ହିଁ ଆପଣ ମାନଙ୍କୁ ଏ ଘରେ ପାଦ ପକେଇବାର ସୁଯୋଗ, ବନ୍ଧୁମିଳନ, ଘରୁଆ ରନ୍ଧାର ଚଖା, ହସ, ଖୁସି, ମଜ୍ଜା, ଗପସପ ଓ ସାହିତ୍ୟ ଚର୍ଚ୍ଚାର ସୁଯୋଗ ଦେଇ ଘରଟିକୁ କିଛି ସମୟ ବେଶ ସରଗରମ କରି ତୋଳିଥିଲା।

ଏ ସୁଯୋଗଟି ଦେଇ ଥିବାରୁ ତମ ସମସ୍ତଙ୍କ ପାଖରେ ଆମେ କୃତଜ୍ଞ।

କାଲି ସନ୍ଧ୍ୟାର ଆସରରେ ଆମ ସୌନକ ଓ ଆୟାନ ଥିଲେ ଏକ ଏକ ଉଜ୍ଜ୍ୱଳ ତାରକା।

Stealers of the show!!!

ସୌନକର କଣ୍ଠରେ ପ୍ରାଞ୍ଜଳ ଓଡିଆ ଭାଷାରେ "ଆହେ ଦୟାମୟ ବିଶ୍ୱବିହାରୀ..." ପ୍ରାର୍ଥନାଟି ଖୁବ୍ ଚମତ୍କାର ଶୁଭୁଥିଲା। ଖୁବ୍ ପ୍ରଶଂସନୀୟ।

ଆୟାନର ସ୍ୱରଚିତ ଓଡିଆ ଭାଷାରେ ଜଗନ୍ନାଥ ଚଉତିଶା ଅପୂର୍ବ ଓ ଅତୁଳନୀୟ ଥିଲା।

ଏ ଦେଶରେ ବଢି ଓଡିଆ ପଢି ଜାଣିବା ତ ଦୂରର କଥା ପୁଣି ପୌରାଣିକ ଲେଖାକୁ ସାଉଁଟି, ସାରମର୍ମ ବୁଝି ନିଜ ଚିନ୍ତାଧାରାକୁ ନେଇ କବିତାଟି ସୃଷ୍ଟି କରିବା ପୁଣି ଏତେ ଉଚ୍ଚକୋଟୀର.. ଏତେଟା ସହଜ ନୁହେଁ। ମୋ ବିଶ୍ୱାସର ବାହାରେ ସତରେ। ତା ପୂର୍ବ ଜନ୍ମର କର୍ମଫଳ, ନିଜର ଚେଷ୍ଟା ଏବଂ ବାପା ମାଆଙ୍କର ଏଦିଗରେ ଖୁବ୍ ଅବଦାନ ଅଛି ନିଶ୍ଚୟ।

ଆମ ସମସ୍ତ ଓଡିଆ ପରିବାର ସୌନକ, ଆୟାନ, ସ୍ୱାଗତିକା, ଶ୍ରୀନିବାସ, ଆରତୀ ଏବଂ ନୃସିଂହଙ୍କ ପାଇଁ ଗର୍ବ ଅନୁଭବ କରୁଛୁ । ସେମାନଙ୍କୁ ଅଜସ୍ର ଶୁଭେଚ୍ଛା ଓ ଆଶୀର୍ବାଦ। ପିଲା ମାନଙ୍କ ଭବିଷ୍ୟତ ଉଜ୍ଜଳ ହେଉ ।

କାଲିର ସମସ୍ତ କବିତା ଓ ଆବୃତ୍ତି ଖୁବ୍ ଉପଭୋଗ୍ୟ ଥିଲା। ଶିଖଣ୍ଡଙ୍କ କବିତା ପାଠ ଶେଷର ସମୀକ୍ଷା ସବୁ ଥର ପରି ଚମତ୍କାର ଥିଲା।

OSA DC chapter ର ବିଶିଷ୍ଟ ସଦସ୍ୟ ବବୁବାବୁଙ୍କୁ ସ୍ୱତନ୍ତ୍ର ଧନ୍ୟବାଦ। ଆମ ଓଡିଆ ସମାଜର ଛୋଟ ବଡ ସମସ୍ତ ପୂଜାପର୍ବ ରେ ତାଙ୍କ ଉପସ୍ଥିତି କାମ୍ୟ।

ପ୍ରତ୍ୟେକ ମୁହୂର୍ତ୍ତ ଗୁଡିକୁ ସିଏ ନିଜ କ୍ୟାମେରା ମାଧ୍ୟମରେ ସବୁଦିନ ପାଇଁ ତୋଳି ରଖନ୍ତି। । ମୁହୂର୍ତ୍ତ ସବୁ ପୁରୁଣା ହେଇଯାଏ ସତ କିନ୍ତୁ ସେଇ ମୁହୂର୍ତ୍ତ ଓ ସେଇ ମଣିଷ କ୍ୟାମେରା ରେ ତାଙ୍କ ଚିର ସବୁଜ ହେଇ ରହିଯାଏ। ବବୁବାବୁ ଆମ ଓଡିଆ ସମାଜ ଆପଣଂକ ପାଖେ ଚିର କୃତଜ୍ଞ। ଈଶ୍ୱର ଆପଣଙ୍କୁ ସଦା ସୁସ୍ଥ ଓ ସବଳ ରଖି ଥାଆନ୍ତୁ । 🙏

ବିଜ୍ଞାନୀ, ଏ ସବୁର ତମେ ହିଁ ସ୍ରଷ୍ଟା, ଆୟୋଜିକା, ସଂଯୋଜିକା ସବୁ କିଛି। ବହୁତ ବହୁତ **ଧନ୍ୟବାଦ** ଆମ ସମସ୍ତଙ୍କୁ ଏକ ଛୋଟିଆ ସାହିତ୍ୟପରିବାର ରେ ବାନ୍ଧି ଥିବାରୁ। ଦୀର୍ଘ ବର୍ଷ ଧରି ଏ ଆସରଟି ତମରି ପ୍ରେରଣାରେ ଚାଲିଛି। ଚାଲିବ ମଧ୍ୟ ।

I admire your dedication and commitment.

ଉହାଡରେ ଲୁଚି ରହିଥିବା ଅନେକ ସାହିତ୍ୟପ୍ରେମୀଙ୍କୁ ଏଇ ଆସରକୁ ଆକୃଷ୍ଟ କରି ଆଣିଛ। ଅନେକଙ୍କ ଲୁକ୍କାୟିତ କବି ପ୍ରତିଭାଟି କବିଟିଏ ହେବାର ଉତ୍ସାହ ଯୋଗେଇଛ। ଓଡିଆ ଭାଷାଟିକୁ ବଞ୍ଚେଇବା ପାଇଁ ପିଲା ମାନଙ୍କୁ ଓଡିଆ ଶିଖେଇବାର ପ୍ରାଣପ୍ରଣେ ଚେଷ୍ଟା ଚଲେଇଛ। ଏ ଦିଗରେ ଈଶ୍ୱରଙ୍କ ଆଶୀର୍ବାଦ ତମ ଉପରେ ସର୍ବଦା ଝରୁଥାଉ। ଆମର ଅଜସ୍ର ସ୍ନେହ, ଶୁଭେଚ୍ଛା ଓ ଶୁଭକାମନା ତମ ପାଇଁ ।

ପୁଣି ଥରେ ସମସ୍ତଙ୍କୁ ଧନ୍ୟବାଦ।



## ବଉଳ ରାଣୀ

ମନୋଜ ପଣ୍ଡା
ଗେଥରସବର୍ଗ, ମେରିଲାଣ୍ଡ

ପହିଲି ଆଷାଢ଼ ଶୀତଳ ପରଶ
ଆଙ୍କି ଦିଏ କେତେ ସୁଷମା ସରସ,
ଅଙ୍ଗେ ଅଙ୍ଗେ ତୁମ ବଉଳ ରାଣୀ ଗୋ
ରଜବତୀ ସାଜେ ମନ ମୋହ ଗୋ |

ନୟନ ଚଞ୍ଚଳ ତୁମ ହରିଣୀ ଆଖିର
ଯେହ୍ନେ ରାଧା ନେତ୍ରେ ରସିକ ଶେଖର,
ଓଠ ରଙ୍ଗେ ରକ୍ତ ଗୋଧୂଳି ଯେସନ
ମୁକୁଳା କବରୀ ସ୍ଫୀତ ନୀରଦର ସମ |

ଗାଏ ନୂପୁର ଯେ ଶ୍ରାବଣ ସଙ୍ଗୀତ
ରୁଣୁ ଝୁଣୁ ସ୍ୱନେ ଚିତ୍ତ ଅମୋଦିତ,
ଶୟନେ ସ୍ବପନେ ମଧୁର ବିଳାସ
ଚନ୍ଦ୍ରିମା ଜୋଛନା କରଇ  ପ୍ରକାଶ |

ଅନ୍ଧାର ପଣନ୍ତେ କୁମୁଦିନୀ ମନ ଜିଣେ ଚନ୍ଦ୍ରିକାର,
ନୀଳ କଇଁ ମନ କି ବୁଝିବ ନିଶି ଗମନ ବ୍ୟଥାର |
ବିରହିଣୀ ଝୁରେ ପ୍ରିୟତମ ନିତି ହୃଦୟ କନ୍ଦର,
ରଜବତୀ ଖୋଜେ ସହକାର ବାହୁ ବନ୍ଧନର |

ଦୂର ପାହାଡ଼ରେ ଅନିଳ ବଇଁଶୀ
ବଜାଏ ସପତ ରଙ୍ଗର ସୁରେ,
ରାଣୀ ସ୍ୱାଗତିକା ଗାୟନ ତାଳରେ
ହୃଦ ମନ ସବୁ ଆନନ୍ଦେ ଭରେ |
ଲାଜେଇ ତଟିନୀ ନାଚି ନାଚି ଆସେ,
ପ୍ରେମ ଲୟ ଧରି ସେ ପାଶେ,
ରଜ ରାଣୀ ପାଦ ଧୁଏ ସେ ସମ୍ଭ୍ରମେ
ଭକ୍ତି ପୂତ ସ୍ନେହ ଅଞ୍ଜଳି ରସେ |

ଚନ୍ଦନ ଟିପିରେ ସଜା ସେ ମୁହଁଟି
ସୁନ୍ଦର ତୃପ୍ତିର ଅନନ୍ୟ ବେଶେ,
ମେଘ ମହ୍ଲାରର ପଞ୍ଚମ ରାଗିଣୀ

ଗାଏ ଭିଜା ମାଟି ଉତ୍ତାଳ କଣ୍ଠେ |
ଫଗୁଣ ରାତିର ପାହାନ୍ତି ପହରେ,
ବାସର ବିରହ ଲୋତକ ଧାରେ,
ମନ ଫରୁଆର ସାଇତା ଚିଠିଟି
ନିବିଡ଼ ସ୍ମୃତି ସେ ମନ ଅନ୍ତରେ |

ପତର ଉହାଡୁ କୁହ୍ଲାଟୁଆ ଡାକେ
କୋଇଲିର କୁହୁ ସୁର ମିଳାଇ,
ଆମ୍ର କାନନର ଦୋଳିରେ ଝୁଲଇ
କୁଆଁରୀ ଖୁସିରେ ମନ ପୁରାଇ |
ଦୂର ବନସ୍ତରେ ଡାକଇ ଗଜ ଲୋ
ନିଜ ମିତଣିକୁ ଖୋଜେ ତତ୍ପର,
ଧରଣୀ ଝୁମେ ସେ ଆହ୍ଲାଦେ ପାଗଳ
ସବୁଠି ଗୁଞ୍ଜରେ ପ୍ରେମ  ଝଙ୍କାର |

ଅଳତା ମଖାର ପାଦରେ ଝୁଣ୍ଟିଆ
ଜବାରେ ଶୋଭିତ ପୁଷ୍ପିତ ଗଭା,
କଜଳ ଆଖିର ଚାହାଣି କହଇ
ଉଚ୍ଛୁଳା ହସର ଆସରେ ବିଭା |
ପାଦର  ପରଶେ ପଥ ଚହଟେ ଗୋ
କୋଟି ପାରିଜାତ ଆଣେ ମହକ,
ଅଧରୁ ତୁମର ଆନନ୍ଦର ଝର
ବିଛାଏ ସରାଗ ସୁଖ କୁହୁକ |

ଚମ୍ପା ଯୁଇ ଯାଇ ମଲ୍ଲି ଟଗରର
ନୂତନ ବସନେ ହସଇ ଧରା,
ପାନ, ପଣା, ପିଠା ସୁଗନ୍ଧେ ଚମକେ
ଉତ୍ସବ ମନାଏ ସାରା ଦୁନିଆ |
ପୁଚି, କଉଡ଼ି ସେ ଖେଳରେ ମାତନ୍ତି
ଝିଅ, ବୋହୂ ଆଦି କୁମାରୀ ମାନେ,
ହର୍ଷ ଉଲ୍ଲାସରେ ଭରି ଯାଏ ମନ
ନ କରି ଉଚ୍ଛୁର ଅତି ଯତନେ |

ବରଷକୁ ଥରେ ବଉଳ ରାଣୀ ସେ
ସଜବାଜ ହୋଇ ଖେଳୁଛି ଦୋଳି,
ଆକାଶ, ମାଟି, ମନ ଓ ପବନ
ଖେଳନ୍ତି ସଦା ଯେ ତା ସାଙ୍ଗେ ମିଳି |
ଅଳପ ଦିନର ସଂସାର ସବୁର
ଆଲୁଅ ଅନ୍ଧାର ଖେଳନ୍ତି ଦୋଳି,
ରୋଗ ଦୁଃଖ ସୁଖ ଜନମ ମରଣ
ପଡନ୍ତି ଶେଷରେ ସେଥିରେ ବଳି |

ବିଜ୍ଞ ସାଧୁ ଜନ ଜାଣନ୍ତି ରହସ୍ୟ
ଈଶ୍ୱର ଅଧାରେ ରହନ୍ତି ସଦା,
ସଂସାର ଦୋଳିର ଉଠା ପକା ଖେଳେ
ନ ଭୁଲି ନିଜର ସ୍ୱରୂପ କଦା |
କ୍ଷଣିକ ସୁଖ ଏ ପାର୍ଥିବ ଇନ୍ଦ୍ରିୟ
 ବିଷୟ ଭୋଗ ଓ ଧନ ଦରବ,
ଷଡ଼ ରିପୁର ସେ ବନ୍ଧନ ଖୋଲିଲେ
ସତ୍ୟଶିବାନନ୍ଦେ ସ୍ଥିତି ହୋଇବ |

ରଜ ସଂକ୍ରାନ୍ତି
ଜୁନ ୧୫, ୨୦୨୪

# ମୋହନ ବଂଶୀ



ମନୋଜ ପଣ୍ଡା
ଗେଥରସବର୍ଗ, ମେରିଲାଣ୍ଡ

ଶୁଣିଛ କି କେବେ ...
ସ୍ୱପ୍ନେ ବିଭୋର ଦୂର ତାଳ ବଣ କି ଗୀତ ସେ ଯିଏ ଗାଏ
ପାଇନ, ଫିର ବା ବର୍ଚ୍ଚ ବନାନୀ ସ୍ୱରେ ତା ମେଳ କି ଖାଏ ?

ଦେଖିଛ କି କେବେ ...
ନଗାଧିରାଜ ଶୃଂଗେ ଚମକେ ଦୃପ୍ତ ପ୍ରସାରୀ ଦୀପ୍ତି
ଆଣ୍ଡିଜ, ରକି, ଆଲ୍ପସ କି ଊଣା ଉଡାଇ ଜୈତ୍ର ନିତି |

ପଢିଛ କି କେବେ ...
ନିଥର ନିପର ଝେଲମ ଯାଏଁ ଖେଳିଛି ଶୋଣିତ ହୋରି
ଭୋଲଗା, ନାଇଲ ତାଳ ବି ଦେଇଛି ସମୟ ଚକ୍ରେ ଘୁରି |

ଭାବିଛ କି କେବେ ...
ଥର ମରୁର ଶୁଷ୍କ କୁଳିକ ଖୋଜଇ ସରସୀ ଧାରା
ସାହାରା ଗୋବିର ମରୀଚିକା ଆଉ ସୁମେରୁ ପ୍ରାନ୍ତ ସାରା |

ଛୁଇଁଛ କି କେବେ ...
ନାଏଗ୍ରା ଝର୍ଝର ତୋଳିଛି କେ କାଳୁ ଭୀମକାନ୍ତ ସେ ରୂପ
ଦୁଗ୍ଧ ସାଗର ସପ୍ତ ଭଗିନୀ ଦେଖାଏ ସେପରି ସିକ୍ତ ମୁକ୍ତ କୋପ |

ଭୋଗିଛ  କି କେବେ ...
ଆଫ୍ରିକା ବାଳିକା ଭୋକିଲା ପେଟର ନିର୍ଦ୍ଦୟ ପେଷିତ ଦାଉ
ଅଲଗା କି ଅନ୍ୟ ବୁଭୁକ୍ଷାର ଜ୍ୱାଳା ଆଉ କେତେ ଅବା ସହୁ |

ଲଭିଛ କି କେବେ ...
ସମ୍ମୁଖ ରଣେ ଯୁଦ୍ଧାହତର  ଦୁଃସହ ବେଦନା ସ୍ୱନ
କମ କି ତାହା ରୁଗ୍ଣ ମାନସେ ଅହରହ ଦଂଶନ |

ଡଉଲିଛ କେବେ ...
ସରଳ ସୁନ୍ଦର ବାଳୁତ ଓଠର ନିରୀହ ହସର ମୂଲ
ଦେଶାନ୍ତରର  ଭୂଗୋଳ ଭୂଖଣ୍ଡେ ସମ ଭାବ ତା'ର ତୁଲ |

XXXXXXXXXXXXXX

ପ୍ରକୃତି କରେ ଶତବର୍ଣ୍ଣ ଅଭିସାର |

କେମିତି?

ବସନ୍ତ ରାଗିଣୀ କଳ କଲ୍ଲୋଳିନୀ
କୋକିଳ କଣ୍ଠର କାକଳି ମାଳିନୀ |
ମେଘ ମେଦୁରରେ ମୟୂର ନୃତ୍ୟ
ତଟିନୀ ନିର୍ଝର ଛନ୍ଦେ ଗାଏ ନିତ୍ୟ |
ପ୍ରପାତ ଘର୍ଘର ଫୁଲ  ସବୁଜିମା
ହସେ କେତେ ରଙ୍ଗେ ସେ ପୁଣି ନୀଳିମା |
ମହୋଦଧି ବକ୍ଷେ ଉତ୍ତାଳ ତରଙ୍ଗ
ସମୀର ପରଶ ଦିଏ ସୁଖ ସଙ୍ଗ |
ରୂପେ ଅନୁପମା ରୂପସୀ ଅଳକା
ବସୁଧା ରାଣୀରେ ଚିତ୍ର କେତେ ଅଙ୍କା |

ଅପରାନ୍ତେ  ...

ପାଦପ କିଂଜଳ ଜାନ୍ତବ ପ୍ରକୃତି
କୃତି ଓ ବିକୃତି ସଦା ତାର ରୀତି
ତୋଫାନ ଗର୍ଜନ ଭୂକମ୍ପ ସ୍ଖଳନ
ଆଗ୍ନେୟ ଗିରିର ଲାଭା ଉଦଗୀରଣ
ଯୁଦ୍ଧ ମହାମାରୀ ବନ୍ୟା ବିଭୀଷିକା
ମରଣ ତାଂଡବେ ଜନ୍ମ ହେଲା ବିକା |
ସଂଘର୍ଷ କାହାଣୀ ହର୍ଷ ଓ ବିଷାଦ
ଉଠା ପକା ଖେଳେ ବାଦ ଯେ ବିବାଦ |

XXXXXXXX

ବିସ୍ମୟ ଦୁନିଆର ସ୍ୱଗତୋକ୍ତି ...

ଗ୍ରହ ତାରା ସୌର ମଣ୍ଡଳ ନିୟୁତ
ଶତାକାଶ ଗଙ୍ଗା ନଭେ ଆତଯାତ |

ଅଣୁ ପରମାଣୁ ଈଶ୍ୱର କଣିକା
ଅନ୍ତରୀକ୍ଷେ ନ୍ୟାସ ହୋଇ ଅଛି ଏକା |
ଶକ୍ତି ଚୁମ୍ବକୀୟ ସବୁ କ୍ଷେତ୍ରେ ବିରାଜିତ
ବିଶ୍ୱ ନିୟନ୍ତାଙ୍କ ଅପୂର୍ବ ସଙ୍ଗତ |
ଜୀବାଣୁ କୀଟାଣୁ ଓ  ବିଶାଳ ନକ୍ଷତ୍ର
ପୁଞ୍ଜ ପୁଞ୍ଜ ହୋଇ ସ୍ୱକ୍ଷେତ୍ରରେ ସ୍ଥିତ |
ପରମାଣୁ  କକ୍ଷେ ଶୋଭନ ଗୁଞ୍ଜନ
ଯୋଗୀ ବିଜ୍ଞାନୀଙ୍କ କିଣି ନିଏ ମନ |

XXXXXXXX

ଶେଷ କଥନ ...

ଶୁଣିକି ପାର ସେ  ଅନ୍ତରାଳ ସ୍ୱନ
ମୋହନ ବଂଶୀର ଅପରୂପ ତାନ |
ସେ ସ୍ୱନେ ବାଜଇ ଜୀବନ ସଙ୍ଗୀତ
ସମ୍ମୁଖେ ପଥରେ ଆହ୍ୱାନ କେ ମିତ |
ସେ ପ୍ରେମ ଫିଟାଏ ବନ୍ଧନ ଶୃଙ୍ଖଳ
ପଦେ ପଦେ ତ୍ୟାଗ ବଳିଦାନ ବଳ |
ଆସକ୍ତି ବିହୀନ ତାଳ ଲୟ ଛନ୍ଦ
ଝରି ପଡୁଥାଏ ଶୁଦ୍ଧ ମକରନ୍ଦ |
ଜୀବନ ଧାରଣ ନିଛକ ସେ ଶିକ୍ଷା
ଦେଇ ଚାଲି ଥାଏ ପୁଣି ମହା ଦୀକ୍ଷା |
ସନ୍ତୋଷ ଆନନ୍ଦ ମଧୁ ପ୍ରୀତି ଗୀତି
ଅବିରତ ଗାଏ ପ୍ରଶାନ୍ତିର ନୀତି |
ସତତ ଜାଗ୍ରତ ସେ ନିରବ ଝଙ୍କାର
ସୃଷ୍ଟି ସ୍ଥିତି ଧ୍ୱସତି ଶିଳା ସେ ଆଧାର |

# ନାରୀ ନୁହେଁ  ସିଏ ନାରାୟଣୀ

**ପ୍ରଭାମୟୀ ରାୟ**



ସଜ ଫୁଲଫୁଟା  ମୁହଁ ଟା ତା'ର
କଇଁଫୁଲ ପରି ଦେହ
ମନ ତା'ର ସାତ ସିନ୍ଧୁକେ ସାଇତା
ମଧୁଝରା  ତା'ର  ସ୍ନେହ (୧)

ଉପସ୍ଥିତି ତା'ର ଯୁଇ ମଲ୍ଲି ସମ
ସୁବାଷିତ ପରିବେଶେ
ପଦୁଅଁ ପାଦରେ ଚାଲେ ଧୀରେ ଧୀରେ
କି ସୁନ୍ଦର ଆହା ଦିଶେ (୨)

ସୁମଧୁର ବାଣୀ ସରଷ ଚାହାଣି
ବିନମ୍ରତା ତା' ଗହଣା
ପ୍ରେମମୟ ଆହା ତା'ର ଚତୁପାର୍ଶ୍ୱ
କେ ଅବା ହେବ ତୁଳନା (୩)

ଏକା ଧାରେ ସିଏ ତରୁଣୀ ଘରଣୀ
କରୁଣାମୟୀ ସେ ମା'
ନିଜ ଦୁଃଖ ପିଇ ସଦା ହସୁଥାଇ
ସୁଖର ଖେଳାଇ ରାହା (୪)

ଦିନେ ସେ ଅହଲ୍ୟା  ହୋଇ ଜନ୍ମି ଥିଲା
ପଥର ପାଲଟି ଗଲା
ଅନୁସୂୟା ହୋଇ ସ୍ୱାମୀ ସୁରକ୍ଷାରେ
ସହସ୍ର ରାତ୍ରି ଜାଗିଲା (୫)

ସୀତା ହୋଇ ପୁଣି ପତି ପାଦଚିହ୍ନେ
ଅରଣ୍ୟ ନିବାସୀ ହେଲା
ଦ୍ରୌପଦୀ ହୋଇ ସେ ମାତୃ ନିର୍ଦ୍ଦେଶରେ
ପଞ୍ଚ ପତି ସ୍ୱିକାରିଲା (୬)

କୁନ୍ତୀ ହୋଇ ପୁଣି ସ୍ୱାମୀ ମାନ ରଖି
ଦେବତା ଦ୍ୱାରସ୍ଥ  ହେଲା
ତାଙ୍କ କୃପାବଳେ କାଳଜୟୀ ପଞ୍ଚ
ପୁତ୍ରଙ୍କୁ ସେ ଯେ ଲଭିଲା (୭)

ଗାନ୍ଧାରୀ ହୋଇସେ ସ୍ୱାମୀର ସମ୍ମାନେ
ଚକ୍ଷୁରେ ପଟି ପିନ୍ଧିଲା
ନେତ୍ର ଥାଇ ମଧ୍ୟ ନେତ୍ରହୀନା ହୋଇ
ସଂସାରେ ଯଶସ୍ୱୀ  ହେଲା (୮)

ଉର୍ମିଳାର ତ୍ୟାଗ କିବା ବଖାଣିବି
ମାଣ୍ଡବୀର ବଳିଦାନ
ତାରା, ମନ୍ଦୋଦରୀ  ପଞ୍ଚ କନ୍ୟା ମଧ୍ୟେ
ପାଇଲେ କିପରି ସ୍ଥାନ (୯)

ଅଗଣିତ କେତେ ସୁନ୍ଦରୀ ତରୁଣୀ
ଜନ୍ମିଲେ ଧରା ପୃଷ୍ଠରେ
ଇତିହାସ କେତେ ରଚି ଦେଇଗଲେ
କାଳର ଗରଭ ତଳେ (୧୦)

ନାରୀର ସମ୍ମାନ ଯୁଗେ ଯୁଗେ ହୁଏ
ନାରାୟଣୀ ସମ ସିଏ
ସଜ୍ଞା ତାର ସ୍ୱଚ୍ଛେ ବଦଳି ଯାଇଛି
ନିରିମାଖି ଆଉ ନୁହେଁ (୧୧)

ବିସ୍ମୟ କରଇ ବୁଦ୍ଧିମତା ତାର
କଠିନ ନିର୍ଣ୍ଣୟ ନିଏ
ସୈନିକ ପୋଷାକେ ସଜେଇ ହୋଇ ସେ
ଦେଶକୁ ସୁରକ୍ଷା ଦିଏ (୧୨)

ମୃଦୁ ସ୍ନେହ ସ୍ପର୍ଶେ ଜିଇଁ ଉଠେ ସିଏ
ପଥରର ପିଠି ଚିରି
ସୁମଧୁର ବାଣୀ ପଦିଏ ଶୁଣିଲେ
ମନ ପ୍ରାଣ ଯାଏ ଭରି (୧୩)

ଯୁଗେ ଯୁଗେ ନାରୀ ପୂଜ୍ୟା ପୂଜାରିଣୀ
ସହିଷ୍ଣୁ ସ୍ୱଭାବ ତା'ର
ଦୀପ ହୋଇ ସିଏ ସଦା ପ୍ରଜ୍ଜ୍ୱଳିତ
ଜଗତ କରେ ଉଦ୍ଧାର (୧୪)

ବଳି ଦାନ ତା'ର କାଳର ଗର୍ଭରେ
ଲୀନ ହୋଇ ହୋଇ ଯାଏ
ତା'ର ସ୍ଥିତି ଆଜି ବଦଳି ଯାଇଛି
ମନ ଆନ୍ଦୋଳିତ ହୁଏ (୧୫)

ବିଶ୍ୱ ଦରବାରେ ପ୍ରତିଷ୍ଠା ପାଇବି
ପ୍ରତିଷ୍ଠିତ ହୋଇ ନାହିଁ
ସଙ୍ଗଠିତ ହୋଇ ସଙ୍କଳ୍ପିତ ହେଲେ
ଗୌରବ ଫେରିବା ପାଇ (୧୬)

ସୌଭାଗ୍ୟବତୀ ସେ ସମସ୍ତ ରମଣୀ
ପାଇଛନ୍ତି ଯେ ପ୍ରତିଷ୍ଠା
ମଗ୍ନ ହୋଇ ଆମେ ନିଜ ସୌଭାଗ୍ୟରେ
ଭୁଲିବାନୀ ଅନ୍ୟ ବ୍ୟଥା (୧୭)

ଆଜିବି ସମାଜେ ଶୋଷିତ ଜନନୀ
କନ୍ୟାରତ୍ନ ପାଏ ବଳି
ବଖାଣି ନପାରେ ହୃଦୟର ବ୍ୟଥା
କା ପାଖେ କରିବ ଅଳି (୧୮)

ହସ୍ତ ଧରି ଚାଲ ପଥ ଅଗ୍ରସିବା
ସର୍ବେ ହୋଇ ଏକାକାର
ମନୁଷ୍ୟତା ଆମେ ଭୁଲି ଯେ ନଯିବା
ନାରୀ ହୁଅ ଅବା ନର (୧୯)

# ତୃଷାର ତୃଷ୍ଣା

ଶିଖଣ୍ଡ ଶତପଥୀ



ଆଃ ! କି ଶୋଷ!
କେବେ ମଗଧ ସମ୍ରାଟ୍ ବିମ୍ବିସାରଂକ ଶୃଖ୍ଲା ଓଠର
ତ' କେବେ ଇର୍ଷା-କବଳିତ ଭିକ୍ଷୁ ଦେବଦତ୍ତଂକ ଅଟ୍ଟହାସର

ସବୁରି ମୂଳରେ ଅପର୍ଯ୍ୟାପ୍ତ ଶୋଷ
ବଂଚିବାର, ତ କେବେ ମରିବାର
କେତେବେଳେ ଅର୍ଦ୍ଧମୃତର ଜୀବନ-ଶୋଷ
କେବେ ପୁଣି ଅର୍ଦ୍ଧଜୀବିତର ମୃତ୍ୟୁ ପାଇଁ ଶୋଷ
ପାଣି ପାଇଁ ଶୋଷ, ଦେହ ପାଇଁ ଶୋଷ
କେବେ ବନ୍ଧୁତାର, ତ କେବେ ପ୍ରତିଶୋଧର
ଚୁଗୁଲିର ଶୋଷ, ଅପପ୍ରଚାରର ଶୋଷ
ଯଶ ପାଇଁ କେବେ, ତ ବଶ ପାଇଁ କେବେ
ଶାନ୍ତି ପାଇଁ, ହିଂସା ପାଇଁ
ଶକ୍ତି ପାଇଁ, ମୁକ୍ତି ପାଇଁ
ନିର୍ଜନତା ଆଶା, କେବେ ସାନିଧ୍ୟର ତୃଷା
ଶୋଷ ଅନନ୍ତ, ଅସୀମ, ଅବିଶ୍ରାନ୍ତ

ନିଦାଘ ଅପରାହ୍ନରେ କ୍ଲାନ୍ତପଥିକକୁ ପଚାର
ଶୋଷର ଅବସାନ ସୁରେଇର ଶୀତଳ ଜଳରେ
ନାଁ, ସନ୍ଧ୍ୟାର ମଧୁର ମଦିରା ପାତ୍ରରେ
ପ୍ରତ୍ୟୁଷର କମନୀୟ ମନ୍ଦିର ଘଣ୍ଟରେ
ନାଁ, ମଧ୍ୟରାତ୍ରୀରେ ପ୍ରଣୟିନୀର ବାହୁବନ୍ଧରେ
ତୃଷା ପରା ଅନନ୍ତ, ଅସୀମ, ଅବିଶ୍ରାନ୍ତ
କ୍ଷଣିକ ଉପସମ ପରେ ତେଜିଉଠେ ଆଉଥରେ
ଉଂକିମାରୁଥାଏ ଚୁପଚାପ୍ ମନର ଗହନ ବନରେ

ତୃଷାନ୍ତକ ନୀର କିନ୍ତୁ ଧୀର ନିଶ୍ଚଳ
ସର୍ବବ୍ୟାପୀ, ଧୃବ, ସର୍ବାଧାରୀ, ଅଛିନ୍ନ
କେବେ  ନୀଳ ପୁଷ୍କରିଣୀର ମୁକୁର ତଳେ
ତ କେବେ ନଭଶ୍ଚୁମ୍ବୀ ବାଦଲର ଘନ କାଳିମାରେ
ଉତ୍ତାଳ ସାଗରର ଅଧୀର ଉର୍ମିରେ
ପୁଣି କେବେ ଅମାନିଆ ଝରଣାର ନୃତ୍ୟନିର୍ଝରରେ
ଅଣାକାର, ରଂଗହୀନ, ସହବର୍ଣା, ସ୍ବାଦହୀନ

ପଚାର କୋଣାର୍କର ସେ ଶିଳ୍ପୀର ନିହଣ ମୁନରେ
ଭଗ୍ନ କିଆଁ ନିଖୁଣ ତା ସୃଷ୍ଟି, ନଗ୍ନ ମନ୍ଦିରର କୋଳାହଳ ତଳେ?
ଅବା ଶରଶଯ୍ୟା ଶାୟିତ ଶାନ୍ତନୁସୁତଂକୁ ପଚାର
ପରାକାଷ୍ଠା କାହିଁ, ବୀରତ୍ବ, ବିଭବ ଓ ପରାକ୍ରମର?
ଅଥବା ଝରିପଡୁଥିବା ଫୁଲକୁ ପଚାର
ଅବସାନ କିଆଁ, ରଂଗ ସୁବାସ ମହକର?

ଶୋଷର ପୁର୍ତ୍ତି କିବା ତୃଶାନ୍ତକ ଜଳର ପାତ୍ରରେ
ଖୋଜୁଥାଏ ପୁନଃ ପୁନଃ ନୀର, କ୍ଷଣିକ ସନ୍ତୁଳନ ପରେ
ଧାଉଁଥାଏ ଅଳୀକ ଚୁମ୍ବନ ଆଲ୍ହାଦ ଉତ୍ତାରେ
ରେଳଧାରଣା ପରି ସମାନ୍ତର ରୂପେ
ଅନନ୍ତ କାଳ ଯାଏଁ, ନୀରର ତୃଷ୍ଣାରେ
ଆଃ ! କି ଶୋଷ!!

# ପ୍ରଥମେ କେବେ ଭାବିଥିଲି ମୁଁ ଲେଖିବି ବୋଲି ଗୀତ

ସ୍ୱର୍ଗତ ଲକ୍ଷ୍ମୀଧର ନାୟକ
ପାଠକ - ବିନୋଦ ନାୟକ



ପ୍ରଥମେ କେବେ ଭାବିଥିଲି ମୁଁ ଲେଖିବି ବୋଲି ଗୀତ
ଖରା ତାତିର ରିତୁଥିଲା ନା ବର୍ଷା ଅବା ଶୀତ
ସେ କଥା ଆଜି ପଡୁନି ମନେ  କି ଭାବନାର ସଂଗୋପନେ
କେଉଁ ଅଜଣା ଅତିଥି ପାଇଁ ଥିଲିବା ସଚକିତ
କଥାର ଭାଷା ଆପଣା ଛାଏଁ  ଛନ୍ଦେ ଆକୁଳିତ ।

ଆକୁଳତାର ମୂର୍ଚ୍ଛନାଟି ସେ ଦିନୁଁ ଏଇ ପ୍ରାଣେ
ରହି ଗଲା ଯେ କାହିଁକି ହାୟ ସେ କଥା ମୁଁ କି ଜାଣେ
ଜଂଜାଳିତ ଜୀବନ ପଥେ ଉଡିବା ପାଇଁ ଗନ୍ଧ ରଥେ
କାଇଁକି ଖୋଜେ ସୁଯୋଗ ଟିକେ  ହୁଏ ରୋମାଂଚିତ ।

ଏ ରାଗିଣୀରେ ଖୋଲି ଯିବକି କେଉଁ ରୁଦ୍ଧ ଦ୍ୱାର
ମର୍ତ୍ତ୍ୟଭୁମେ ସୁର ଲୋକର ବର୍ଣ ସମାହାର
ଖୋଲିଯିବକି  ଭ୍ରାନ୍ତିହୀନ, କ୍ଲାନ୍ତୀ ପଥେ ଜୀବନ ଲୀନ
କାମନା ଯେତେ ହେବକି ସତେ କର୍ମେ ରୂପାୟିତ

ଏଇ ଆଶାରେ  କେବେଠୁ ମୁଁ ଯେ ଲେଖିଚାଲିଚି ଗୀତ
ନମାନି କିଛି ଦୀବସ ନିଶୀ ଖରାବର୍ଷା ଶୀତ ।

ସି. ବ୍ରୁକ୍, ମ୍ୟାରୀଲାଣ୍ଡ  ମେ, ୧୯୮୩

# ବିରହିଣୀ

ସ୍ୱର୍ଗତ ଲକ୍ଷ୍ମୀଧର ନାୟକ
ପାଠକ - ବିନୋଦ ନାୟକ



ଆଜିଠାରୁ ଚୌତ୍ରିଶ ବର୍ଷତଳେ
ତୁମ ସାଥେ ଦେଖା ହୋଇଥିଲା ବିରହିଣୀ
ଅଳକାପୁରୀର ଗିତୀ ଉଦ୍ୟାନ ନିଭୃତେ
ଡାକିଥିଲି ଚିଠି ଲେଖି "ନବୀନର" ସଂପାଦକ ହାତେ
ଦେଖୁଦେଖୁ ଚିହ୍ନିଥିଲ କୋଣାର୍କର ବିଭୋଳତା ନେଇ, ଆଖି ଆଉ ଓଠେ ।

ବହୁ ବହୁ ବର୍ଷ ତଳ କଥା
ସେ ବବୋଧେ ଫାଲ୍‌ଗୁନ ମାସ, ମଳୟର ସୁରଭିତ ରାତି
ଆକାଶରେ ବଙ୍କା ଜହ୍ନ ଥିଲା
ତାଳପତ୍ର ଗହଳି ଭିତରୁ ହଳଦୀ ହଳଦୀ ଜ୍ୟୋସ୍ନା ପଡୁଥିଲା ଝରି
ଚାରିଆଡ ନିଛାଟ ନିର୍ଜନ, ନକ୍ଷତ୍ରର ଆଖି-ବୁଜା ଖେଳା ।

ମତେ ନେଇ ଜୁଇଫୁଲ ଗାଲିଚା ଉପରେ ଆଦରେ ବସାଇ
ଏକ ଗୁଚ୍ଛ ରଜନୀଗନ୍ଧାର ଶୁଭ୍ର ଶିଖା ପରି ଚାହିଁଥିଲ ।
ମାଳତୀର ସକରୁଣ ବ୍ୟଥାରେ ବିଧୁର
କେଉଁ ଏକ ସ୍ୱପ୍ନିଳ ଜଗତେ ଟାଣିନେଇ, ଚୁପ୍ ହୋଇ ବସି
ଢାଳିଥିଲ ଲୁହ ଖାଲି, ସକରୁଣ ପ୍ରାର୍ଥନାରେ ମିଳନ ବ୍ୟାକୁଳ ।

ତୁମ ସାଥେ ସେଇ ରାତି, କବିତ୍ୱର ଶେଷ ରାତି ମୋର
ତା ପରଠୁ ବହୁତ ଚାଲିଛି...
କେତେ ଯେ ସହର, ଗ୍ରାମ, ପାହାଡ, ପ୍ରାନ୍ତର, ପଥ, କିଛି ନାଇଁ ଠିକ୍ ।
ରେଳଗାଡି, ଟ୍ରାମ୍, ବସ୍, କେତେ ଚଢା ଓହ୍ଲା
କେଉଁଠି କିରାଣୀ କାହିଁ ଫର୍ନିସ୍ଟଲାସୀ ଅବା ପ୍ରେସ୍ ମେକାନିକ୍ ।
ବଞ୍ଚିବାର ପ୍ରୋୟଜନେ ଗ୍ୟାସ୍ ବତୀ ପରି
କାର୍ବାଇଡ ଉତ୍ତେଜନା ନେଇ
କେବେକେବେ ନିର୍ଜନ ନିଶିଥେ ଚଢି କଳପନାର ଗମ୍ବୁଜ ଖିଲାଣ
ଦେଖିଚି ଧୂସର ନଗ୍ନ ନିର୍ଜୀବ ମଶାଣୀ ପରି ପୃଥିବୀର ଶବ
ଫୁଟ୍‌ପାଥ୍ କଡେ କଡେ ଲାଞ୍ଛିତ କ୍ଷୁଧିତ ପ୍ରାଣ ପ୍ରେତ ଛାଇମାନ ।

ସେ ଛାଇର କାଳିମାରେ ଯଦି ମୋର ଫାଳେ କୁହଁ
ଏ ଭିତରେ କଳା ପଡିଥାଏ
ତୁମେ କି ପାରିବ ଚିହ୍ନି ଏବେ ବି ହଠାତ୍ ?
ଏବଂ ମୁଁ ଏଥର ଯଦି ତୁମକୁ ଆଦରେ ଡାକେ
ପଟୁଆରେ ଆସ, ଭାଗ ନେବ,

ତୁମେକି ଆସିବ ଚାଲି, ସେଦିନର ମୁଗ୍ଧା ବିରହିଣୀ
ଆଜି ଏଇ ବିପ୍ଳବର ଅଗ୍ନି ଜାଳିଦେବ ?

## ମନ ଏବଂ ମୃତ୍ୟୁର ଆଳାପ

ଆରତୀ ରାଣୀ ବିଶ୍ୱାଳ



**ମନ, ଅଶାନ୍ତ ଏବଂ ପରିତ୍ୟକ୍ତ ହୋଇ କହୁଛି, ତୁମେ କିଏ?**
**ମୃତ୍ୟୁର ଉତ୍ତର, ମତେ ଜାଣି ନାହଁ  ମୁଁ ପରା**
ମୁଁ ପରା ତୁମର ଶେଷ ବନ୍ଧୁ, ମୁକ୍ତିର ମାର୍ଗ, ଶାଶ୍ୱତ ପ୍ରେମ,
ପୀଡିତ ଯନ୍ତ୍ରଣାରୁ ସ୍ୱାଧୀନ ଏବଂ ଆତ୍ମାର ପରମାତ୍ମା ସହ ମିଳନ
ନାହିଁ ମୋର ଆଦି ଅନ୍ତ, ମୁଁ ସର୍ବଦା ଅଜୟ, ଅଟଳ, ନିଶ୍ଚଳ ଏବଂ ସଂସାରର ଚିରନ୍ତନ ସତ୍ୟ
ମୁଁ ତୁମ ଜୀବନରୁପି ବୃକ୍ଷର ଶେଷ ଫଳ, ଶେଷ ନିଶ୍ୱାସ, ଶେଷ କଥା ଏବଂ ଶେଷ ଦର୍ଶନ
ମୁଁ ବୃଦ୍ଧର ବନ୍ଧୁ ଏବଂ ରୋଗୀର ଶେଷ ଇଚ୍ଛା, ସର୍ବଦା ଏକ ମୁଦ୍ରା, ବିନା ସ୍ୱରେ ଯୋଗ ନିଦ୍ରା
ତୁମ ପରିବାର ପାଇଁ ସମସ୍ତଙ୍କ ସହାନୁଭୂତି ଏବଂ ତୁମ ଇତିହାସର ଅଭୁଲା ସ୍ମୃତି
ସର୍ବଦା ଅଜଣା, ସର୍ବଦା ନିଶ୍ଚିତ କିନ୍ତୁ ସୁଦୂର ବିସ୍ତାର ମୋର ସୀମାନ୍ତ

**ମନ କହୁଛି କଦାପି ଠିକ ନୁହଁ**
ପ୍ରାଣୀର ପ୍ରଥମ ଭୟ, ତୁମର ସ୍ମରଣ ଚିନ୍ତନ ଏବଂ ଆଗମନ
ତୁମେ ହେଲ କଳା କିଟିକିଟି ଅନ୍ଧାର, କୋମଳ ହୃଦୟ ର ଚିତ୍କାର
ଶୋକ ଦୁଃଖର ମାଧ୍ୟମ, ମହାମାରୀର ଆତଙ୍କ
ବନ୍ଧୁ ବାନ୍ଧବଙ୍କ ବିଳାପ, ମନ କୁକର ଅଶାନ୍ତ, ଅଘରୀ ଯୋଗୁଁ ଅବରଣୀୟରେ ଉପସ୍ଥିତ
ଅପ୍ରିୟ ସତ୍ୟ, ନିସ୍ୱାଶ ହୀନ ସ୍ରୋତ, ନିସ୍ତାର ନାହିଁ ତୁମଠାରୁ କାହାର ବଂଚିବାର ପଥ

ଆଜି ପର୍ଯ୍ୟନ୍ତ ତୁମକୁ କେହି ଜିଣି ନାହିଁ,
ଧନୀ ଗରିବ, ସୁନ୍ଦର ଅସୁନ୍ଦର, ଦେଶ ବିଦେଶ , ସ୍ଥାବର ଜଙ୍ଗମ,
ବାଳକ ବୃଦ୍ଧ କାହାକୁ ତୁମେ ଛାଡି ନାହିଁ
ନାନା ବିକାରର ଗନ୍ତାଘର, କେଉଁଠି କାନ୍ଦ ତ କେଉଁଠି କ୍ରୋଧ,
କେଉଁଠି କଳହ ତ କେଉଁଠି ଅଶାନ୍ତ
ଅମାବାସ୍ୟାର ଚାନ୍ଦ, ବାୟୁ ବିହୀନ ସମୀର,
ଘଣ୍ଟା କଣ୍ଟା ପରି ପ୍ରତି କ୍ଷଣ ବୁଲୁଥିବା କାଳଚକ୍ର
ସାମାଜିକତାର ଶେଷ ସମ୍ବନ୍ଧ , ସ୍ୱର୍ଗ ଦ୍ୱାରର ଜଳନ୍ତା ଶବ

ଜିବର ଜନ୍ମ ଅର୍ଥାତ ତୁମର ପଦାର୍ପଣ,
ସ୍ଥାନ କାଳ ପାତ୍ର ନିର୍ବିଶେଷ ରେ ତୁମର ଆଗମନ
ତୁମର ଆଗମନରେ ସମୟ ସ୍ଥିର ହୋଇ ଯାଏ ,
ନିସ୍ୱାଶ ବନ୍ଦ ହୋଇ ଯାଏ ଏବଂ ସ୍ମୃତି ଦୂରେଇ ଯାଏ
ଦୀପ ଲିଭି ଯାଏ, ଅନ୍ଧାର ଘୋଟି ଆସେ
ଏବଂ ମନୁଷ୍ୟ ମସିଣାରେ ସ୍ଥାଣୁ ହୋଇ ଥାଏ
ଇତିହାସ ର ପୃଷ୍ଠାରେ, ଘରର ଆଲୋକ ଚିତ୍ରରେ
ଏବଂ ମସାଣିରେ ସମାଧି ରହି ଯାଏ

**ମନ ପଚାରୁଛି ପ୍ରଶ୍ନ ଏବଂ ଶେଷରେ ମୃତ୍ୟୁ ଦେଉଛି ଉତ୍ତର**
**ହେ ମୃତ୍ୟୁ ତୁମେ ଆସ କାହିଁକି**
ମନୁଷ୍ୟର ସର୍ବସ୍ବ ଛଡେଇ ନେବା ପାଇଁ,
**ନା** ଅଭିମାନୀ ମଣିଷ କୁ ଚେତାଇ ଦେବା ପାଇଁ
ହସ ଖୁସି ର ସଂସାର ଉଜାଡି ଦେବା ପାଇଁ,
**ନା** ମୋହ ମାୟାକୁ ମାଟିରେ ମିଶାଇ ନେବା ପାଇଁ
ନିଜ ଲୋକକୁ ନିଜଠୁ ଛଡାଇ ନେବା ପାଇଁ,
**ନା** ଏକା ଏକା ବଂଚିବାର ବାଟ ଦେଖାଇ ଦେବା ପାଇଁ
ବିନା ବିଚାର କରି କର୍ମଫଳ ଦେବା ପାଇଁ,
**ନା** ଅବାଟରେ ନଚାଲି ଠିକ ରାସ୍ତାରେ ଚାଲିବା ପାଇଁ
ଫଳନ୍ତି ବୃକ୍ଷକୁ ଫଳ ରିକ୍ତ କରିବା ପାଇଁ ,
**ନା** ପୃଥିବୀକୁ ନୂଆ କରି ସଜାଇବା ପାଇଁ
ମୁଣ୍ଡ ପୋତାଇ ଅନ୍ୟ ଜଣର ସାହାଯ୍ୟ ନେବା ପାଇଁ,
**ନା** ସମସ୍ତଙ୍କୁ ଏକତା ଡୋରିରେ ବାନ୍ଧିବା ପାଇଁ

**ମୃତ୍ୟୁ ଶେଷରେ କହୁଛନ୍ତି**
**ହେ ମନ ମୋ ସତ୍ୟର ସନ୍ଧାନ ନ ଜାଣି ବୃଥା ମନୁଷ୍ୟ ମିଛ ମରୀଚିକା ପରି କାହିଁକି ଦୌଡୁଛି,**
**ମୃତ୍ୟୁ ମଣ୍ଡଳେ ଯିବ ବହି ଦେବତା ହେଲେ ବି ମରଇ .**

# ମନ ଭିତରର କଥା

ବିଜ୍ଞାନୀ ଦାସ



ମନ ଭିତରର କଥା, ମନ ଭିତରର ବ୍ୟଥା
ଅଗଣିତ ସ୍ମୃତି, ଅଗଣିତ ଅଶ୍ରୁ, ରାଗ, ବିରାଗର ଗାଥା

କହିବି କହିବି ଭାବି ହୁଏ ସିନା, କିନ୍ତୁ କହିପାରେ ନାହିଁ
ଅନ୍ତର ଜଳଇ ନିତି ପ୍ରତି ଦିନ, ତିଳେ ସହିପାରେ ନାହିଁ

ଅଜାଗା ଘାଆ ସେ ଦେଖି ହୁଏ ନାହିଁ, ଦେଖାଇ ବି ହୁଏ ନାହିଁ
ଭିତରେ ଭିତରେ ମାଂସ ପଚି ଯାଏ, ପୂଜ, ରକତ ବୁହଇ

ଏମିତି କଣବା ଅନ୍ତର ବେଦନା, କେହି ପାରନ୍ତିନି ବୁଝି
ସବୁବେଳେ ଦିଶେ ହସହସ ମୁହଁ, ସମସ୍ତେ ଯାଆନ୍ତି ହଜି

ତାଙ୍କ ସମ ଆଉ ସୁଖୀ ମଣିଷଟି, ଦେଖିନି କାହିଁ ଜଗତେ
ଖୁସିଖୁସି ଭାବ, ବଚନରୁ ସଦା ଝରଇ ସୁଧା ନିରତେ

ଏମିତି ମନ୍ତବ୍ୟ ଶୁଣେ ଯେବେ ମୁହିଁ, ମନରେ ଜାଗେ ଆନନ୍ଦ
ଅଭିନୟ ପଣେ, ଜିତିଗଲି ମୁହିଁ, ମନେ ନାହିଁ ଆଉ ଦ୍ୱନ୍ଦ

ନିଜକୁ ଭାବି ମୁଁ ଅନ୍ୟ ମଣିଷର ମନ ପଢିଯାଏ କ୍ଷଣେ
ଛୋଟ ଛୋଟ ଯେତେ ଦୋଷ, ତୃଟି ରହେ, ଧରେନାହିଁ କିଛି ମନେ

କିଏ କେତେବେଳେ ମିଛେ ଦୋଷ ଦେଲା, କିଏ କହିଲାନି କଥା
ନିଜ ସ୍ନେହ ପଣେ, ନିଜ ବନ୍ଧୁ ପଣେ, ହରିନିଅ ଅନ୍ୟ ବ୍ୟଥା

ମନ ଭିତରେ ତା' କିଛି ତ ଚାଲିଛି, ରହିଛି କି କିଛି ବ୍ୟଥା

କିଏ ଖାଲି ନିଜେ କହିକହି ଗଲା, ଅନ୍ୟକୁ ନଶୁଣି କିଛି
ଏମିତି ଅଶିଷ୍ଟ ହେଲା ସେ କାହିଁକି କିଛି ତା' ମନରେ ଅଛି

କଥା ଦେଇ କିଏ କଥା ରଖିଲାନି, ଭାଙ୍ଗିଲା କାହା ବିଶ୍ୱାସ
କିଛି ତ କାରଣ ଅଛି ତା ପଛରେ, ମନରେ ଧରେନି ରୋଷ

କିଏ ସେ କାହିଁକି ବିନା କାରଣରେ ମୋ ଉପରେ ରାଗିଗଲା
ଭୁଲ୍ ବୁଝାମଣା ନିଶ୍ଚେ ତା' ମନରେ କେମିତି ତ ରହିଗଲା

ସମସ୍ୟା ଉପରେ ଧ୍ୟାନ ଦେଲେ ସିନା, ସବୁ ହେବ ସମାଧାନ
କ୍ଷଣେ ପ୍ରତିକ୍ରିୟା ଦେଖାଇଲେ ତାର ପ୍ରଭାବ ବିଷମ ଜାଣ

ବନ୍ଧୁ ହେବ ଶତ୍ରୁ, ପ୍ରିୟଜନ ସବୁ ପାଖରୁ ଯିବେ ଦୂରେଇ
କହି ପାରିବେନି, ସହି ପାରିବେନି, ପାଖ ମାଡିବେନି କେହି

ଏଣୁ ସମସ୍ତଙ୍କୁ ଅନୁରୋଧ ମୋର ଅନ୍ୟକୁ ବୁଝିବା ପାଇଁ
ଛୋଟ ଛୋଟ ଦୋଷ, ନିଜ କ୍ଷମା ପଣେ, ମନରୁ ଦିଅ ଭୁଲାଇ

ଅତି କଠିନ ସେ ବୁଝିବାକୁ ଅନ୍ୟ ମନ ଭିତରର କଥା

ହସ ବାଣ୍ଟିବାକୁ, ଖୁସି ବାଣ୍ଟିବାକୁ, କହିବାକୁ ମିଠା କଥା
ଅର୍ଥ ଲୋଡା ନାହିଁ, କଷ୍ଟ ଲୋଡା ନାହିଁ, ଲୋଡା ଟିକିଏ ମମତା

# ବାପା

ଡଃ ଶଶଧର ମହାପାତ୍ର



ଯାହାଙ୍କ ଜୀବନ ବିତିଥିଲା
ସାରା ଦିନ ଖଟି ଖଟି,
ଯାହାଙ୍କୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣା
ସବୁବେଳେ ମିଳିଥିଲା ଭେଟି,
ସେ' ହେଉଛନ୍ତି ବାପା,
ସେ' ସବୁକୁ ଚଳୁ କରିଦେଇ
ତଥାପି ସବୁବେଳେ ହସୁଥାନ୍ତି ବାପା,
ସେ' ତ କେବେ ଅଭିନୟ ନଥିଲା ?
ଦୁନିଆ ବୁଝେ କି ନବୁଝେ,
କିନ୍ତୁ, ବୋଉ ସବୁ ବୁଝେ

ତମ କଷ୍ଟ, ତମ ମନ କଥା,
ସେ' କେବେ ହୁଏନି ଖପ୍‌ପା,
କିନ୍ତୁ, ତଥାପି ସବୁବେଳେ ହସୁଥାନ୍ତି ବାପା ।

ତମେ ଗଲା ପରେ ପରେ
ବଦଳି ଗଲାଣି ଏଠି ଜୀବନ,
ଘର, ଗାଁ, ମାଟି, ପାଣି ଓ ପବନ,
ଏବେ ଖୋଜିଲେ ତମେ ମିଳନି,
ମୁଁ ଜାଣେ ତୁମେ ଲେଉଟି ଆସିବନି,
ତଥାପି ତୁମ ଫେରିବା ବାଟକୁ
ଖୋଜି ବୁଲୁ ଥାଏ ଏ' ମନ,
ପୁଣି କେଉଁ ଜନ୍ମରେ ?
ତୁମ ସହ ଭେଟ କେବେ ହେବ କିଏ ଜାଣେ ?
ଅପେକ୍ଷା, ଭାରି ଲମ୍ବା ସେ' ଅପେକ୍ଷା,
ତୁମେ ଭାରି ମନେପଡ ପ୍ରତିକ୍ଷଣେ ।

ହଁ, କାଲି ଥିଲ, ଆଜି ନାହଁ,
ଶୁଣି ନିଶ୍ଚୟ ଖୁସୀ ହେବ ଯେ
ଆର ବର୍ଷ ତୁମ ବୟସକୁ ମୁଁ ଟପିଯିବି,
ସେଥିପାଇଁ ମୁଁ ବହୁତ ଖୁସୀ,
ହେବି ନାହିଁ କାହିଁକି ?
ଅନ୍ତତଃ, ଖୁସୀ ହେବାର ଗୋଟିଏ କାରଣ ତ ମିଳିଗଲା ?

କେବେ କା'ଠାରୁ ପାଇବାର ଆଶା ନରଖି
ଜୀବନ ତମାମ କେବଳ ଦେଇ ଶିଖିଲ,
ବୋଧହୁଏ, ନେବା ତୁମ ଜାତକରେ ନଥିଲା ?

ଲୋକେ କହୁଛନ୍ତି - ମୋ' ମୁହଁଁ କାଳେ
ତୁମ ମୁହଁ ଭଳି ଦିଶୁଛି,
ସେ' କଥା ଶୁଣିଲେ ଆଖି ଦି'ଟା
ଲୁହ ଛଳଛଳ ହେଇ ଯାଉଛି,
ମୋତେ ଏମିତି ଏକ ମାୟା ବନ୍ଧନରେ
ଅହରହ ବାନ୍ଧି ଦେଇଗଲ,
ନା ସେଥିରୁ ମୁକୁଳି ପାରୁଛି ?
ତୁମ ଯୋଗୁ ମୁଁ ପାଇଛି ମୋର ପରିଚୟ,
ତୁମ ବିନା ମୁଁ ନିହାତି ଅସହାୟ,
ବୋଉ ଓ ତୁମ ପାଖରେ
ଅଟକି ଯାଇଥିଲା ମୋ' ପିଲାଦିନ,
"ଭଲ ପାଅ ବୋଲି'
ତୁମ ପାଟିରୁ କେବେ ବାହାରି ନଥିଲା,
କିନ୍ତୁ, ନିଃସନ୍ଦେହରେ ସେ' ସବୁ ବୁଝି ହେଉଥିଲା,
ତୁମେ ତ ଥିଲ ଜଣେ ଭଲ ମାର୍ଗ ଦର୍ଶକ,
କିନ୍ତୁ, କାଳକ୍ରମେ ଆମେ ଭୁଲିଗଲୁ ତୁମ ନୀତି,
ପ୍ରେରଣା, ଆଦର୍ଶ ଓ ମନ୍ତ୍ର,
ସ୍ୱପ୍ନ ଦେଖÚବା, ଉଡିବା ଶିଖେଇଲ ତୁମେ,
ମୁଁ ଖୋଲା ଆକାଶରେ ଉଡିଲା ବେଳକୁ
ଆର ପାରିରେ ତୁମେ ।

ବାପାଙ୍କ କଥା ଆମର ବେଶୀ ମନେ ପଡେ
ଯେବେ ଆମେ ସମସ୍ତେ ବାପା ହେଇଯାଆନ୍ତି,
ମୁଁ ଯେତେବେଳେ ବଦମାସ ହେଉଥିଲି
ତୁମେ ନରାଗି କହୁଥିଲ -
ଯା, ସମୟ ନଷ୍ଟ ନକରି ପଢାପଢି କର
କି କିଛି କାମ କର,
ସବୁବେଳେ ତୁମେ କାମକୁ ପ୍ରାଧାନ୍ୟ ଦେଉଥିଲ ନା ?
ଭାଗବତରୁ ପଦେ ଅଧେ ବୋଲି ଦେଉଥିଲ -

""କର୍ମ ତୋହର ନିଜ ଗୁରୁ
ଉଦ୍ଧବ କେତେ ତୁ ପଚାରୁ
କର୍ମ କରିବ ନାନା ମତେ
ଫଳିବ କର୍ମର ଆୟତ୍ତେ''
ଏ' ପଂକ୍ତିଟି ଶୁଣି ଶୁଣି
ମୋର ଘୋଷି ହେଇଯାଇଥିଲା,
ଏ' ଭାଗବତ ବାଣୀ ସେତେବେଳେ
ମୋ' ପିଲା ମୁଣ୍ଡରେ ପଶୁ ନଥିଲା,
ଏ' କାନରେ ପଶି ଆର
କାନରେ ବାହାରି ଯାଉଥିଲା,
ଆଜି ଆଉ ଶୁଭୁନି ସେ' ଉପଦେଶ,
ଆଉ ଶୁଭୁନି ଭୋର୍ ଚାରିଟା ବେଳେ
ସେ' ଓଁ କାର ଶବ୍ଦ,
"ଓଁ ଗୁରବେ ନମଃ''
ପୁଣି ଆସ୍ତେ ଆସ୍ତେ ବୋଲୁଥିବା
ଆଉ କିଛି ଶ୍ଳୋକ ?

ତୁମେ ଥିଲ ବୋଲି ମନ ଭିତରେ
କେଉଁଠି ନା କେଉଁଠି ଥିଲା ଆମର୍ଯ ବିଶ୍ୱାସ,
ବାପା ଅଛନ୍ତି ସେ' ଚଳେଇ ନେବେ,
ଏବେ ତୁମେ ନାହଁ, ତୁମେ ଏବେ ବୈକୁଣ୍ଠ ନିବାସୀ,
ଏହା ସତ୍ୟ,

ତୁମେ ନାହଁ ବୋଲି
ତୁମ ଅନୁପସ୍ଥିତିରେ ସେ' ଆମର୍ଯ ବିଶ୍ୱାସ ଟିକକ
ଏବେ ହଜି ଯାଇଛି,
ମୋର ଚିନ୍ତାର କାରଣ ପାଲଟି ଯାଇଛି,
ଯେହେତୁ ସ୍ୱର୍ଗ ଲୋକରେ ତୁମର ବାସ,
ମୁଁ ଜାଣେ, ସେଠି ତୁମକୁ ଚାରିଆଡୁ
ଘେରି ରହିଥିବ ବିଶ୍ୱାସ,
ଏ' ହେଉଛି ତଫାତ ତୁମ ଓ ମୋ ଭିତରେ
ସ୍ୱର୍ଗ ! ଶୁଣିଛି ସେଠି ଦୁଃଖ, ଦର୍ଦ ନାହିଁ ?
ଥାଅ ସେଠି ଆରାମରେ ।

କିଭଳି କଳାକାର ଥିଲ ତୁମେ ?
ନା ସୁଖ ସମୟରେ ହସୁଥିଲ ?
ନା ଦୁଃଖ ବେଳେ କାନ୍ଦୁଥିଲ ?
ବିଚିତ୍ର ନୁହେଁକି ତୁମର
ସେ' କଳା ଚାତୁରୀ ?
ସବୁବେଳେ କହୁଥିଲ -

କାହିଁକି ସୁଖ ବେଳେ ହସିବା ?
ନା କାହିଁକି ଦୁଃଖ ବେଳେ କାନ୍ଦିବା ?
ସୁଖ, ଦୁଃଖ ତ ଜୀବନରେ ଆସିବ ହିଁ ଆସିବ,
ମୋ' ପିଲାବେଳେ ଏ' କଥା ସବୁ
ବୁଝି ହେଉ ନଥିଲା,
କାରଣ ବୁଝିବା ଜ୍ଞାନ କମ୍ ଥିଲା,
କିନ୍ତୁ, ଏ' ବାର୍ଦ୍ଧକ୍ୟ ବୟସରେ ସେ' କଥା ଏବେ
ଜଣେ ମହାପୁରୁଷଙ୍କ ବାଣୀ ଭଳି ଲାଗେ,
ମୁଁ ହଠାତ୍ ଉଠେ, ଜାଗେ ।

ଲୋକେ କହନ୍ତି- ବାପା-ମା' ଈଶ୍ୱର ଓ ଈଶ୍ୱରୀ,
ବାପା- ତୁମେ କ'ଣ ସତରେ ଈଶ୍ୱର ?
ସକାଳେ ଓ ସଞ୍ଜେ ପ୍ରାର୍ଥନା କଲାବେଳେ
ତମେ ଓ ବୋଉ ଏବେ ବି
ମୋ' ସାମ୍ନାରେ ଆସି
ମୋ' ମନର ଈଶ୍ୱରଙ୍କ ନିକଟରେ
ମୌନ ହେଇ ଛିଡା ହେଇଯାଅ,
ତମେ ଯାହା ହୁଅ ନା କାହିଁକି
ତମେ ମୋ' ପାଇଁ ଈଶ୍ୱର,
ଆଜି ଏ' ପିତୃ ଦିବସରେ
ତୁମେ ବହୁତ ମନେ ପଡ,
ଏ' ଶ୍ରଦ୍ଧାଞ୍ଜଳି ତମ ପାଇଁ,
ନୀରବରେ ଝରୁଥିବା
ଏ' ଲୁହ ଦି'ଧାର କେବଳ ତମ ପାଇଁ ।

ହଁ, ସ୍ୱପ୍ନରେ ତୁମେ କେବେ କେବେ ଆସ,
ଡାକିଲେ ତୁମେ "ଓ' କର,
ତୁମ ଆତ୍ମା ଛାଇଟିଏ ହୋଇ ଅଚାନକ
ଓହ୍ଲେଇ ଆସେ ମେଘ ଭିତରୁ,
ମେଘ ବୁନ୍ଦା ବୁନ୍ଦା ପଡୁଥାଏ ଆକାଶରୁ,
ସେହି ସ୍ନେହବୋଳା ଦି' ହାତ ଲମ୍ବେଇ ଦେଇ
ପିଠି ଥାପୁଡେଇ ଦେଇ କୁହ - ରାଗିଛୁ ?
କାହିଁକି ମନମାରି ଦେଇଛୁ ?
ସେତେବେଳେ ମୋର କହିବାକୁ ସାହାସ ହୁଏନି ଯେ

"ମୁଁ ତୁମ ଭଳି ବାପଟିଏ ହେଇପାରିଲିନି',
ଚେଷ୍ଟା କଲି, କିନ୍ତୁ, ସମସ୍ତଙ୍କୁ ଖୁସୀ କରିପାରିଲିନି !
"ଆରେ ତୁ ବାଇଆଟା, ପାଗଳାଟା' କହି
ଉଭେଇଯା', ଚାଲିଯା' ତୁମ ବାଟରେ
ରାତି ପାଞ୍ଚଟା ବାଜିଥାଏ ଘଣ୍ଟାରେ

ସେତେବେଳେ ସମୟ ଲେଉଟାଏ ତା' କଡ
ପୁରୁଣା ଖଟଟା ହୁଏ ଧଡ ଧଡ

ମୋ' ନିଦ ଭାଙ୍ଗି ଯାଇଥାଏ
ରାତି ପାହିବା ପାହିବା ହେଉଥାଏ ।

( ରବିବାର, ଜୁନ୍ ୧୮, ୨୦୨୩ "ଫାଦରସ୍ ଡେ' ଦିନ ଏ' ଲେଖା । )



## କାଳିଆରେ କାଳିଆରେ

କଲ୍ୟାଣୀ ପାଢ଼ୀ

ସତୁରୀ ବରଷ ସାଉଁଟି ଆଣିଲୁ
ବିତିଗଲା ଚାହୁଁଚାହୁଁ
ଆଖି ଅପହୁଁଚ ଲାଗେ ବହୁଦୂର
ପୁଣି ଲାଗେ ପାଶେ ଥାଉ ।୧।

ଖେଳୁଛୁ କାହିଁକି ମୋ ସାଥେ ତୁ କହ
ମୁହିଁତ ଥକି ଗଲିଣି
ହାତ ଧରି ଧରି କଢ଼ାଇ ଆଣିଲୁ
ଆଉ ଚାଲି ପାରିବିନି ।୨।

କେଡେ ମନୋରମ ବିଶାଳ ସଂସାର
ତୁ ମୋ ସାଥେ ଥିଲେ ଲାଗେ
ତୁଚ୍ଛ ଲାଗେ କିଆଁ ଜୀବନଟା ମୋର
ତୁ ନଥିଲେ ମୋର ସାଙ୍ଗେ ।୩।

ତୁହି ସିନା ମୋର ଜୀବନ ଗୋଲକ
କେନ୍ଦ୍ର ବିନ୍ଦୁ କେତେ କେତେ
ପରିଧିର ପରିସୀମା କିନ୍ତୁ ନାହିଁ
ରହସ୍ୟ କି ଜଣା ମୋତେ ।୪।

ଏ କି ଦଧି ମନ୍ଥନ ଲହୁଣୀ ପାଇଁ
କରୁଛି ଜୀବନ ସାରା
ତଥାପି ସାର୍ଥକ ଏ ଜୀବନ ମୋର
ଧରା ଦେବୁ ଯେବେ ପରା ।୫।

ନରେଶ, ଦୀନେଶ କହେ ଜଗନ୍ନାଥ
କିଏ କହେ ଚକ୍ରପାଣି
ବୁଦ୍ଧି କହେ ପୁଣି, ତୁହି ସଖା ମୋର
ମନକଥା ସିଏ ଜାଣି ।୬।

ଗଣିତ ଦେଖିଛି, ଗୋଲକ ଦେଖିଛି
ବୁଲାଇ ଭୁଲାଇ ମୋତେ
ତୋତେ କିଆଁ ମୁହିଁ ସବୁଠି ଦେଖୁଛି
ପୁଣି ବିଜ୍ଞାନୀ ସଙ୍ଗତେ ।୭।

ମନୋଜର ମନବିଜ୍ଞାନରେ ପୁଣି
କ୍ୱାଣ୍ଟମ୍ କାହାଣୀ କିବା
ପ୍ରଭାତର "ପ୍ରଭା' କିଏ ପାରେ ଜାଣି
"ବନ୍ଦିତା' ସେ ମନଲୋଭା ।୮।

କା କଥା ବର୍ଣ୍ଣିବି ମନେ ପଡୁନାହିଁ
ତୁ, ତ ଦିଶୁ ଜଳଜଳ
ଚକାଚକା ଆଖି ଥରେ ଦେଲେ ଚାହିଁ
ଦେଖୁଛି କି ଶତଦଳ ।୯।

ଅଶି, ନବେ ଶହେ, କିଏ ଜାଣେ କିଏ
ସବୁ ମିଛ, ତୁ ତ ସତ
କାଳିଆରେ କାଳିଆରେ ମୁହିଁ ନୁହେଁ
ତୁହି ବିଶାଳ ଜଗତ ।୧୦।

## ଡଃ ମହେନ୍ଦ୍ର କୁମାର ରାଉତ - ସାତ ଦରିଆପାରିରୁ ଏକ ସ୍ମୃତି ତର୍ପଣ

### ଡଃ ଶଶଧର ମହାପାତ୍ର

ତୁମେ ଥିଲ ଆକାଶରେ ଚୋଫା ଜହ୍ନଟିଏ
ତୁମ ଛାତ୍ରଛାତ୍ରୀ ଅଗଣିତ ତାରା
ତୁମେ ଥିଲ ଅଥଳ ମହୋଦଧର୍ଟିଏ
ସେମାନେ ସାଜିଥିଲେ ଢେଉ ଦେହସାରା
ଖୋଜନ୍ତି ତୁମରି ସାହାରା
ତୁମେ ଆଜି ଏ କବିର କବିତା
ସେମାନେ ଶବ୍ଦର ପସରା
ସବୁବେଳେ ତୁମର ସେ' ହସହସ ମୁହଁ
ଦିଶେ ତୋରା ତୋରା ।

""ମହେନ୍ଦ୍ର'' ନାମଟି ତୁମ
ଥିଲ ଉଚ୍ଚ ମହେନ୍ଦ୍ରଗିରି ସମ
ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀ ପାଇଁ
ତୁମେ ଥିଲ ତାଙ୍କ ପିତା, ଗୁରୁ ଭାବେ ଥିଲ ହିଁ ଉତ୍ତମ
ଖଣ୍ଡ ମଣ୍ଡଳରେ ଜଣା ଥିଲା
ତୁମର ସେ' ନାମ,
ତୁମଠୁଁ ଶିକ୍ଷା ଓ ଆଶୀଷ ପାଇ
ଜଗତରେ ପରିଚିତ ଆଜି ତୁମ ଛାତ୍ରଛାତ୍ରୀ,
ଗବେଷକ କେତେ, ଗବେଷିକା
ତୁମ ଜନ୍ମ ଶତବାର୍ଷିକୀରେ
ଝୁରୁଛନ୍ତି ତୁମକୁ ହିଁ ଏକା ଏକା ।

ହେ କର୍ମଯୋଗୀ !
କୂଟ, କପଟକୁ ତୁମେ କରିଲ ଆକଟ
ଛଳ, କଉଶଳ ସବୁ ଭୂଲିଗଲେ ବାଟ
ଶିକ୍ଷକତା ଥିଲା ପେଶା
ଗବେଷଣା ଥିଲା ନିଶା
ଇତିହାସ ରଚିଗଲ ବିଜ୍ଞାନ କ୍ଷେତ୍ରରେ
ତୋଷକଲ ସମସ୍ତଙ୍କୁ
ଭଲ ପାଇବାରେ, ତୁମ ଆଚାର ବ୍ୟବହାରରେ,
ବାନ୍ଧିଥିଲ ସମସ୍ତଙ୍କୁ ମମତାର ଡୋରୀରେ ।
ହେ ଛାତ୍ରବତ୍ସଳ ମହେନ୍ଦ୍ର !
ତୁମର ଜନ୍ମ କି ମାହେନ୍ଦ୍ର ବେଳାରେ ?
ସିଦ୍ଧହସ୍ତ ଥିଲ ତୁମେ
ସାଧନା ଓ ସିଦ୍ଧିରେ
ଆଜି ଲିପିବଦ୍ଧ ତୁମ ନାଁ
ରେଭେନ୍ସା କଲେଜର କାନ୍ଥରେ ବାଡରେ ।

ତୁମେ ଥିଲା ବେଳେ
ସ୍ମୃତି ସବୁ ଥିଲା କେତେ ଯେ ମଧୁର
ତୁମେ ଗଲା ପରେ
ଅସଜଡା ହେଲା ତୁମ ଲାବୋରାଟୋରୀ ଘର
ସ୍ୱପ୍ନ ସବୁ ହେଲା ଚୂରମାର
ନୀତି ଭ୍ରଷ୍ଟ ହେଲେ ସର୍ବେ
ନିଜ ସ୍ୱାର୍ଥେ ହେଲେ ଜରଜର
ହେ ଅମୃତ ସନ୍ତାନ !
ଆମକୁ ଦିଅ ଦିବ୍ୟଜ୍ଞାନ
ସୁଧୁରି ଯାଆନ୍ତୁ ଲୋକେ
ତୁମ ପାଇଁ ପରିଚୟ ପାଇଥିବା ରେଭେନ୍ସା କଲେଜ
ହେଉ ପୁଣି ମହାନ । ହେଉ ପୁଣି ମହୀୟାନ ।

ହେ ମହାମର୍ଯା !
ଜନମିଥିଲ ଏ' ପବିତ୍ର ଓଡିଶା ଭୂଇଁରେ
ତୁମେ ନାହଁ ଆଜି ଏହା ଚିରନ୍ତନ ସତ୍ୟ
ଚାଲିଗଲ ଏକ ଅଫେରା ରାଇଜକୁ
ଆଉ କେବେ ଫେରିଲନି,
ଚାଲିଗଲ ଯେଉଁଠିକୁ
ଡାକିଲେ ତୁମକୁ କିଛି ଶୁଭେନି,
ରହିଗଲ କେବଳ ସମସ୍ତଙ୍କ ସ୍ମୃତି ପଟଳରେ,
ତୁମେ କେବଳ ସ୍ୱପ୍ନରେ କେବେ କେବେ ଆସ
ପାଖରେ ବସ, ହସ
ତୁମକୁ ମନେ ପକାଇଛୁ ଆମେ
ସବୁଦିନ, ମାସ, ବର୍ଷ
ଆଉ ଏ' ଜନ୍ମ ଶତବାର୍ଷିକୀରେ
ତୁମ ପାଇଁ ଆଜି ଏ' ଲୋତକ ଭରା ଶ୍ରଦ୍ଧାଞ୍ଜଳି
ଦେଉଅଛୁ, ଦେଉଥିବୁ ଆଖିକୁ ପଖାଳି
ଈଶ୍ୱରଙ୍କ ନିକଟରେ ଆମର ଏ' ଅଳି ।

ହେ ମହାନୁଭବ !
ବଗିଚାର ମାଳିଭଳି ତୁମେ ଦିନେ ନିଜ ହାତରେ
ଯେଉଁ ବୃକ୍ଷ ସବୁ ଲଗେଇଥିଲ,
ପାଣି ଦେଇଥିଲ, ଯନର୍ପ ନେଇଥିଲ,

ଏବେ ସେ' ଗଛରେ ନାନା ଫଳ ଫଳିଲାଣି,
ହେଲେ ତୁମେ ନାହଁ ଦେଖି ଖୁସି ହେବାକୁ,
କେହି ତୁମର ମହିମା ମଣ୍ଡନ କରିବାର ଶୁଣିବାକୁ,
ତୁମର କରୁଣା ଓ ଆଶୀର୍ବାଦ ପାଇ
ତୁମ ଛାତ୍ରଛାତ୍ରୀ ପିନ୍ଧିଛନ୍ତି ସୁନାର ମୁକୁଟ,
ପାଇଛନ୍ତି ମାନ ସନମାନ, ଉଚ୍ଚାସନ,
ଗଳାରେ ଗଜରାର ହାର,
ପାଇଛନ୍ତି ନାନା ପୁରସ୍କାର
ହେ କାଳଜୟୀ, ହେ ଯୋଗଜନ୍ମା ମହାପୁରୁଷ !
ତୁମେ ବଞ୍ଚିଅଛ, ବଞ୍ଚିଥିବ
କାଳରୁ କାଳାନ୍ତର
ତୁମେ ମଣିଷରୂପ ଧାରଣ କରି ଜନ୍ମିଥିବା ଈଶ୍ୱର ।

ହେ ବିଶ୍ୱଗୁରୁ !
ତୁମ ଛବି ଦିଶିଯାଏ
ତୁମ ନାମ ଧରୁଧରୁ
ତୁମକୁ କୋଟିଏ ଜୁହାର
ତୁମେ ନଥିଲ କେବଳ ଗୁରୁ
ତୁମେ ଥିଲ ସମସ୍ତଙ୍କ ପାଇଁ ପ୍ରଭୁ ପରମେଶ୍ୱର
ଭଜୁଅଛି, ଜପୁଅଛି ମୁଁ ତୁମ ଯଶ କୀର୍ତ୍ତି
କରି ଗଳା ମାଳି
ପାରୁ ନାହିଁ କଳି
ଯେତେ ଭାବିଲେ ବି ମିଳୁନାହିଁ ତୁମପାଇଁ
ଭାବପୂର୍ଣ୍ଣ ଶବ୍ଦ
ସେଥିପାଇଁ ମୁଁ ଦୁଃଖିତ ଓ ସ୍ତବ୍ଧ
ନିଅଣ୍ଟ ପଡୁଛି ଶବ୍ଦ
ଆଙ୍କିବାକୁ ସେ' ବିଶାଳ ଚରିତ୍ର ତୁମର
ପାଉନାହିଁ କୂଳ କି କିନାରା
ହେ ମହାମଣି !
ମୋତେ କ୍ଷମା କର !

( ସ୍ୱର୍ଗତଃ ଡଃ ମହେନ୍ଦ୍ର କୁମାର ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଜାନୁଆରୀ ୪, ୨୦୨୪ ତାରୀଖରେ ପ୍ରକାଶିତ ହୋଇଥିବା ସ୍ମରଣିକା ""ମହେନ୍ଦ୍ରାୟନ'' ପାଇଁ ଲେଖା ଯାଇଥିଲା ଏ କବିତାଟି । ଏ' ଥିଲା ମୋପାଇଁ ବଡ ସୌଭାଗ୍ୟର ବିଷୟ ଯେ ତାଙ୍କ ଭଳି ଜଣେ ମହାପୁରୁଷଙ୍କ ପାଇଁ ଏ' କବିତାଟି ଲେଖିବାପାଇଁ । ମୁଁ ଜାଣେ ତାଙ୍କର ଅନେକ ଛାତ୍ର ଛାତ୍ରୀ ଦେଶ ବିଦେଶରେ ଅଛନ୍ତି । କିଛି ଭୁଲ୍ ଥିଲେ କ୍ଷମା କରିବେ । )

-o-

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ

nainaṁ chhindanti śhastrāṇi nainaṁ dahati pāvakaḥ
na chainaṁ kledayantyāpo na śhoṣhayati mārutaḥ

Weapons cannot cut, fire cannot burn, water cannot wet,
wind cannot dry up the soul.

# ସମୟ ସଙ୍କଟ

ବିଜ୍ଞାନୀ ଦାସ

ସମୟର ପ୍ରତୀକ୍ଷାରେ ବିତିଯାଏ ଦିନ
କେବେ ସେ ଆସିବ ଫେରି ଭରିବ ଏ ମନ
ଫୁଟିଯିବ ସୁମନ ମୋ ଚିତ୍ତ କାନନରେ
ମହକିବ ସାରା ଦେହ ନୂତନ ସ୍ଫୂର୍ତ୍ତିରେ । ୧।

ଲେଖିଯିବି କେତେ ଗୀତ, କେତେ ନୂଆ ଛନ୍ଦେ
ସଂଗୀତ ମୁର୍ଚ୍ଛନା ଭରି ଦେବି ମହାନନ୍ଦେ
ସାରେଗାମାପାଧାନିସା ହୋଇବ ଆୟତ
ଯେଉଁ ସୁର ଚିନ୍ତିବି ମୁଁ ବଜାଇବ ହାତ । ୨।

ଓଡ଼ିଆ ରାଗ, ରାଗିଣୀ ହୋଇବେ ମୋ ସଙ୍ଗୀ
ଯେବେ ମୁଁ ଚିନ୍ତିବି ମନେ, ସବୁ ବାଧା ଭାଙ୍ଗି
ପହଞ୍ଚିବେ ମୋ କତିରେ, ରହିବେ ମୋ ସାଥେ
ରାଗାଙ୍ଗ, ଭାବାଙ୍ଗ, କାବ୍ୟାଙ୍ଗର ରସ ହିତେ । ୩।

ଅସରନ୍ତି ଇଚ୍ଛା ମୋର ଅକଳନ ଆଶା
ସମୟର ଆଶୀର୍ବାଦ କରଇ ଭରସା
ମିଳନ୍ତାକି ସମୟ ମୋ ଭାବନା ନିମନ୍ତେ
ଧ୍ୟାନ କରି ପୃଥିବୀକୁ ଦେଖିଯାନ୍ତି ଚିତ୍ତେ । ୪।

ବୁଝିଯାନ୍ତି ସମସ୍ତଙ୍କ ମନ, ମନୋବାଞ୍ଛା
ପୂରଣ କରିପାରନ୍ତି ଯେତେ ଶୁଭ ଇଚ୍ଛା
ବିଧିବଦ୍ଧ ଭାବେ ପାଳି ସମସ୍ତ ବିଧାନ
କରନ୍ତି କାହାଣୀ ସୃଷ୍ଟି ଦର୍ପଣ ସମାନ । ୫।

ପଢ଼ି, ଶୁଣି ବୁଝିଯାନ୍ତେ ସମସ୍ତେ ଅନ୍ୟକୁ
ରହନ୍ତାନି ଯୁଦ୍ଧ, ଧ୍ୱଂସ, ଯନ୍ତ୍ରଣା ଦେବାକୁ
ଫୁଟନ୍ତାନି ଗୁଳି କାହିଁ, ଭାଙ୍ଗନ୍ତାନି ପୋଲ
ଝରନ୍ତାନି କା ନୟନୁ ଲୋତକର ଝର । ୬।

ସମୟ ଦିଅନ୍ତା ଯେବେ ଧରା ମୋ ହାତରେ
ନୂଆ ଜ୍ଞାନ ଆହରଣ କରନ୍ତି ସତ୍ୱରେ
ବୁଝିଯାନ୍ତି ପ୍ରକୃତିର ସମସ୍ତ ନିୟମ
ଜୀବ ତତ୍ତ୍ୱ, ରସାୟନ, ପଦାର୍ଥ ବିଜ୍ଞାନ । ୭।

ଯନ୍ତ୍ରବିଦ୍ୟା, ଧାତୁକର୍ମ, ମନସ୍ତତ୍ତ୍ୱ ଭେଦ
କରନ୍ତି ଆୟତ୍ତ ସର୍ବ ଗୂଢ଼ ତତ୍ତ୍ୱ ସାଧ
ବୁଝନ୍ତି କେଉଁଠି କେବେ ହେବ ଭୂକଂପନ
ଆଗ୍ନେୟଗିରିରୁ ହେବ ଲାଭା ଉଦ୍‌ଗୀରଣ । ୮।

କିନ୍ତୁ ହାୟ ସମୟ ତ ଧରାଦିଏ ନାହିଁ
ମନକଥା ମନେରହେ, ଦେଖିହୁଏ ନାହିଁ
ଜ୍ଞାନ ପାଇଁ, ଧ୍ୟାନ ପାଇଁ ରହେ ପ୍ରତୀକ୍ଷାରେ
ପ୍ରତିଦିନ ବିତିଯାଏ, ନିୟମ ଚକ୍ରରେ । ୯।

ସଂପର୍କର ବନ୍ଧନରେ ଘୂରେ ନିତି ଦିନ
ତନ୍ମଧ୍ୟେ କାହାର କେତେ ମାନ ଅଭିମାନ
ଶରୀରର ଯନର୍ଯ ସହ, ମନ ଯନର୍ଯ ଧ୍ୟାନ
ଜୀବନକୁ ଜୀଆଁଇବା, ପ୍ରଥମ ସେ କାମ । ୧୦।

ସମୟ ଦୂରେଇ ଯାଏ ହୁଅଇ ଅତୀତ
ବର୍ତ୍ତମାନ ଯାହା ରହେ ବ୍ୟସ୍ତ ଓ ବିବ୍ରତ
ତଥାପି ଜୀବନ ଅଛି ବଞ୍ଚିଅଛି ମୁହିଁ
ସେହି ମୋ ପରମ ଭାଗ୍ୟ, ଆଶୀଷ ମୋ ପାଇଁ । ୧୧।

ଭବିଷ୍ୟତ ଅନିଶ୍ଚିତ, ନାହିଁ କିଛି ଜଣା
ତଥାପି ଆଶାରେ ନିତି ଜୀଇଁବା ଘଟଣା
ଯାହା ପାଶେ ଅଛି, ସେଇଥିରେ ଖୁସି ହୋଇ
ବିତୁଛି ଜୀବନ ଏବେ ବିଭୁ ପଦ ଧ୍ୟାୟି । ୧୨।

# ନୀଳ ଗଗନର ଯାତ୍ରୀ

**ଶିଖଣ୍ଡ ଶତପଥୀ**



ମହା ଅନ୍ଧକାରେ ତାରା ଆଲୋକରେ
ବିଧୌତ ଏ ଅମାରାତ୍ରୀ
ନୀଳ ଗଗନର ଅନନ୍ତ ପଥର
ଅବିଶ୍ରାନ୍ତ ଏକ ଯାତ୍ରୀ

ଏ ପାନ୍ଥଶାଳାର ଆହ୍ନିକ ଅତିଥି
ସଜ କରି ଶଯ୍ୟା ନିତି
କାହିଁ କେତେ କାଳୁ ଚାଲୁଛି, ଚାଲିବି
ଅମାପ ପଥର ସାଥୀ

ସାଥିରେ ଧରିଛି ଅନେକ ଜନ୍ମର
ପାପ ଓ ପୂଣ୍ୟର ପାତ୍ରୀ
କାମନା ବାସନା ରସନାରେ ଭରା
ଭରା ଏ ନସ୍ବର ତନ୍ତ୍ରୀ

କଣ୍ଠରେ ମୋହର କୋଇଲିର ସ୍ବର
ଧମନୀରେ ଧାଏଁ ପ୍ରେମ
ଫୁଲ ପାଖୁଡାର ରଂଗର ଫୁଆର
ମନରେ ଭରା ଅସୀମ

ସମୀର ସଜାଏ ଆଲୋଳିତ କେଶ
ମଧୁପ ଶିଖାଏ ପ୍ରୀତି
ତାରା ଭରା ରାତି ଜହ୍ନର ଆଲୁଅ
ହୃଦେ ଭରେ ପ୍ରେମଗୀତି

କାହାର ଜାୟା ମୁ କାହାର ଲଳନା
କାହାର ବା ଅନ୍ନଦାତ୍ରୀ
କାହାପାଇଁ ବହେ ହୃଦୟେ ମୋହର
ସ୍ନେହ ପ୍ରେମ ଦୈନ୍ୟ ମୈତ୍ରୀ

ଏବେ ଏଠି ଅଛି ଏବେ ପରା ନାହିଁ

ଅଛି କିନ୍ତୁ ସବୁ ଦିନ
ଅନ୍ତରେ ତୁମର ସାଗରେ, ନଭରେ
ଅନନ୍ତର ବିଦ୍ୟମାନ

ଚପଳା ପ୍ରତିମ ସାନିଧ୍ୟ ଆମର
କ୍ଷଣିକ ଏ ଅବକାଶ
ପଲକ ମାତ୍ରେକ ଏ ଜୀବନ ଯାତ୍ରା
ମୁହୂର୍ତ୍ତର ଅବଶୋଷ

ମହା ଆକାଶରେ ତାରା ନକ୍ଷତ୍ରରେ
ବିଖଞ୍ଜିତ କାଳ ରାତ୍ରୀ
ନୀଳ ଗଗନର ଅନନ୍ତ ପଥର
ଅବିଶ୍ରାନ୍ତ ଏକ ଯାତ୍ରୀ

## Mesmerizing World

Ayan Biswal



Birds flying up so high
Gentle winds let out a sigh
Fireflies shine the luminous light
The evening deaprts up comes the night

Rivers running to the ocean
Trains arrive at a city station
Wild animals now in motion
People are filled with so much emotion

Ballerinas start to dance
Karate trainers practice stance
Koalas re-enter their trance
A midst in which is empty of prance

In a deep deep jungle
A place where it’s mild
You must listen closely
And you’ll hear the song of the wild

When the clouds reveal the moon
The trees start to sway
A gentle whistling breeze comes by

The sky unlades its cloudy gray

The lion lets out a deafening roar
The animals of day wake up from trance
Sunset flows away  into the sky
As night angles sing and peacocks dance

The moon starts to play a violin
The roots of trees become piano keys
The rhinos and boars start the stampede
The sand brushes against the sea

As fireflies begin to radiate light
The sunset begins to leave the meadow
The howl of wolves overcomes the voices
In which all is hidden under a shadow

As the sun lets out a final sigh
Is overtaken by its little ally
Glistening white and emitting light
Up rises the moon, a glowing ball in the sky

The moonflower rises as the lotus closes
Trees stand up taller than a tower
The leaves rustle to hide the noise
The animals sing with might and power

As moonshine fades and birds fly away
As the howling wind becomes a soft breeze
As the howling and roar turns to squeals and barks
As the rooster rises creating sudden freeze

The end is near as voices die out
A weakening echo lets give the final shout
The wild retains its the pin drop silence
Stories turn to secrets which will never sprout

A science which can't be studied
A world full of surprises and the impossible
Where animals and plants run free
The wild is non perceivable

# Srikrusna Chautisha

Ayan Biswal

Koili kantha re swara prakati
Kanak champa asuchhi phuti
Krupa kara ahe krupasindhu
Karuna ra tume dinabandhu

Khanjana pari akhi jahara
Khira sagar re basa tahara
Khanda kharpura ku dhari
Khala ku nasilu asi abatari

Galare pindichha kaustubha hara
Gopa Gopi sange lila jahara
Ganthi dhana mata Jashodankara
Gobardhana teki kala udhara

Ghora bane megha garajila
Ghatake bijuli jhalasila
Ghenili tumaku ahe chaka akhi
Ghanta karpura re kali alati

Chandana bhesha ra sobha
Chita Chandra pari disuchhi abha
Charu hasini se chandrabhaga
Chahin rahithile sadasarbada

Chhapana bhoga tu khauchhu nila kandare basi
Chhadile jibana Jashoda Gope tote nadekhi
Chhana chhana mana tohara jibu mausi ghara
Chhena podapitha khaiba tora ati adara

Janaka suta nka bhoosana
Jatadhari besha kala dharana
Jatayu ku nija hrude rakhila
Jala Samudra re setu bandila

Jhulana re tume rai sange jhula
Jhalamala dishe kaustubha mala
Jhana jhana ashe murali phunka
Jhuri Jhuri khina tanu Radhika

# Letter To A Nightingale

**Pravamayi Ray**



Every morning when I open my window,
I hear a melodious voice through the meadow.
I wonder where from the sound is coming,
Is it a tiny nightingale singing?

At dusk, I see you sitting on my fence,
As if you want to have a conversation with me.
Oh, my dear! looking at your innocent eyes,
My heart aches and my nerves collapse.

I start talking to myself in solitude,
What is this innocent creature going through?
I want to absorb your pain into my heart,
Just to feel the depth of it.

Oh, dear bird! How lucky we humans are!!
We have the power to express our thoughts,
But alas! How can I feel your agony?
I wish! as if somehow any way is there.

I wonder! Why did such a change happen to you?
An enchanting dawn and a melancholic dusk!
What have you gone through in between?
Trying to ask myself before you vanish.

Oh dear! Sitting near my window looking at you,
The message you are trying to deliver, now I know.
Sometimes life pours the nectar of love,
Sometimes it flows like a melancholic song.

How foolish was it for me to think of you,
Predicting what you are going through?
Devoid the depth of your thoughtful eyes,
Trying to deliver the true message of life.
Oh, dear nightingale! I keep wondering,
If life is so uncertain why we human beings are…
Roaming and thriving to get everything,
Like we are going to live for ever and ever…

Life is like a drop of water on lotus leaf,
Like morning dew on a bed of grass.
Will fade away soon like a waning crescent moon,
But only to rest and regenerate in another version.

The message you deliver breaks my heart,
Even though I know the truth is that.
Desire to discard the weeping soul as far…
Aspire to mingle someday with that dazzling star.